ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.57 Bhubaneswar Saturday, April 09, 2022 | ୨୫ତମ ବର୍ଷ ସଂଖ୍ୟା-୫୭ ଭୁବନେଶ୍ୱର, ଶନିବାର, ଅପ୍ରେଲ ୦୯, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଲଙ୍କାରେ ହରି ଶବ୍ଦ: କୁଖ୍ୟାତ ଆତଙ୍କବାଦୀ ହାଫିଜ ସଇଦଙ୍କୁ ୩୧ ବର୍ଷ ଜେଲ

ନୂଆଦିଲ୍ଲୀ: କୁଖ୍ୟାତ ଆତଙ୍କବାଦୀ ତଥା ମୁମ୍ବାଇ ୨୬/୧୧ ଆକ୍ରମଣର ମାଷ୍ଟର ମାଇଣ୍ଡ ହାଫିଜ୍ ? ସଇଦଙ୍କୁ ଶକ୍ତ ଝଟକା। ଖୋଦ ପାକିସ୍ତାନରେ ସେ ଦୋଷୀ ସାବ୍ୟସ୍ତ ହୋଇଛି । ତାଙ୍କୁ ପାକିସ୍ତାନର ଆତଙ୍କବାଦୀ ନିରୋଧୀ କୋର୍ଟ ଦୋଷୀ ସାବ୍ୟସ୍ତ କରି ୩୧ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ପାକିସ୍ତାନର ଆତଙ୍କବାଦୀ ସଙ୍ଗଠନ୍ ? ଜମାତ ଉଦ୍ ? ଦାୱା ଗ୍ରୁପର ମୁଖ୍ୟ ହେଉଛନ୍ତି ହାଫିଜ୍ ? ସଇଦ୍ ?। ତାଙ୍କୁ ଦୁଇଟି ମାମଲାର ଦୋଷୀ ସାବ୍ୟସ୍ତ କରାଯାଇଥିବା ଜଣାପଡିଛି। ସେହିପରି ତାଙ୍କ ସମସ୍ତ ସମ୍ପତ୍ତି ଜବତ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ହାଫିଜ ସୟିଦ୍ ? ତିଆରି କରିଥିବା ମସିଜିଦ୍ ? ଏବଂ ମାଦ୍ରାସାକୁ ତାଙ୍କ ମାଲିକାନାରୁ କା ? ନିଆଯାଇଛି। ଏଥିସହ ହାଫିଜଙ୍କୁ ୩ ଲକ୍ଷ ୪୦ ହଜାର ଟଙ୍କା ଜରିମାନା କରାଯାଇଛି ।ସେହିପରି ଆତଙ୍କବାଦୀ ସଙ୍ଗଠନ ଲସ୍କର-ଇ-ତୋଇବାର ପ୍ରତିଷ୍ଠାତା ମଧ୍ୟ ହାଫିଜ୍ ? ସଇଦ୍ ?। ୭୦ ବର୍ଷୀୟ ହାଫିଜ୍ ?ଙ୍କୁ ପୂର୍ବରୁ ଆତଙ୍କବାଦୀ ସଙ୍ଗଠନକୁ ଫଣ୍ଡିଂ କରିବା ନେଇ ଏକାଧିକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୨୦୨୦ରେ ତାଙ୍କୁ ୧୫ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା। ତାଙ୍କୁ ପାକିସ୍ତାନ ପୁଲିସ ଗିରଫ କରି ଜେଲରେ ରଖିଥିଲା । ୨୦୧୯ରେ ତାଙ୍କୁ ଗିରଫ କରାଯାଇଥିଲା। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ? ଆମେରିକା ଯିବା ପୂର୍ବରୁ ହାଫିଜଙ୍କୁ ଗିରଫ କରାଯାଇଥିଲା।୧୦ ବର୍ଷ ଧରି ତାଙ୍କୁ ଖୋଜାଖୋଜି କରିବା ପରେ ତାଙ୍କୁ ଗିରଫ କରାଯାଇଥିଲା। ୨୦୦୧ରୁ ହାଫିଜ ୮ଥର ଗିରଫ ହୋଇ ଖସିଯାଇଥିଲେ। ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ପଛର ହାଫିଜ ହେଉଛନ୍ତି ମୁଖ୍ୟ ଷଡଯନ୍ତ୍ରକାରୀ। ୨୦୦୮ ନଭେମ୍ବର ୨୬ରେ ଘଟିଥିବା ଏହି ଆକ୍ରମଣରେ ୧୬୬ ଜଣଙ୍କ ମୃତ୍ୟୁ ଘଟିଥିଲା । ୨୦୧୭ରେ ପାକିସ୍ତାନରେ ହାଫିଜ ଏବଂ ତାଙ୍କ ୪ ଜଣ ସହଯୋଗୀଙ୍କୁ ଅଟକ ରଖାଯାଇଥିଲା। ଏହାର ୧୧ ମାସ ପରେ ତାଙ୍କୁ ଛଡା ଯାଇଥିଲା। ପରେ ପୁଣି ତାଙ୍କୁ ଗିରଫ କରାଯାଇଥିଲା।



## ଜଳିଗଲା ଅଣ୍ଡରଗ୍ରାଉଣ୍ଡ୍ ବିଦ୍ୟୁତ୍ କେବୁଲ୍, ଅନ୍ଧାରରେ ୪୦ ପଞ୍ଚାୟତ

ଭଦ୍ରକ ,୮ ।୪(ପି.ଏନ): ଜଳିଗଲା ଅଣ୍ଡରଗ୍ରାଉଣ୍ଡ୍‌ବିଦ୍ୟୁତ୍ କେବୁଲ୍। ଯାହାଫଳରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାର ୪୦ଟି ପଞ୍ଚାୟତ ସମ୍ପୂର୍ଣ୍ଣ ଅନ୍ଧକାରରେ ରହିଛି। ମରାମତି କାମ ଚାଲିଛି ବୋଲି ଟାଟା ପାୱାର ଏସ୍‌ଡିଓ ପ୍ରଭାସ ରଞ୍ଜନ ବିଶ୍ୱାଳ କହିଛନ୍ତି।୧୬ ନମ୍ବର ଜାତୀୟ ରାଜପଥର ଭଦ୍ରକ ଚରମ୍ପା ସ୍ଥିତ ଧାମରା ଓଭର ବ୍ରିଜ୍ ନିକଟସ୍ଥ ଟର୍ମିଂ ୟାର୍ଡରେ ନିଆଁ ଲାଗିଯାଇଥିଲା। ଏହି ନିଆଁ ଧୀରେ ଧୀରେ ଅଣ୍ଡର ଗ୍ରାଉଣ୍ଡ ବିଦ୍ୟୁତ୍‌କେବୁଲ୍‌ରେ ଲାଗି ଯାଇଥିଲା। ଯାହା ଫଳରେ ବିଦ୍ୟୁତ ତାର ଜଳିଯାଇଥିଲା। ଯେଉଁଥିପାଇଁ ବର୍ତ୍ତମାନ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ରାହଞ୍ଜ, ଅସୁରା, ମାର୍କଣା, ବାଲିଖଣ୍ଡ, ଅଡା ଆଦି ବିଦ୍ୟୁତ ଷ୍ଟକ୍ ?ଚ୍‌ର ଅଧୀନରେ ଥିବା ପ୍ରାୟ ୪୦ରୁ ଅଧିକ ପଞ୍ଚାୟତ ଏବେ ଅନ୍ଧାରରେ ରହିଛି ।ଟାଟା ପାୱାର ଏସ୍‌ଡିଓ ପ୍ରଭାସ ରଞ୍ଜନ ବିଶ୍ୱାଳ କହିଛନ୍ତି, ଟର୍ମିଂ ୟାର୍ଡରେ କେହି ନିଆଁ ଲଗାଇ ଦେଇଥିଲା। ୬ଟି ଅଣ୍ଡର ଗ୍ରାଉଣ୍ଡ କେବୁଲ୍ ? ଜଳି ଯାଇଛି। ଯାହାଫଳରେ ଭଦ୍ରକ ଓ ବାଲେଶ୍ୱର ସର୍କଲକୁ ଭଦ୍ରକ ଗ୍ରୀଡ୍‌ରୁ ଯାଉଥିବା ବିଦ୍ୟୁତ ସରବରାହ ବନ୍ଦ ରହିଛି। ବର୍ତ୍ତମାନ ଭଦ୍ରକ ବ୍ଲକର ୧୦ଟି ପଞ୍ଚାୟତ ଓ ପୂରା ସିମୁଳିଆ ବ୍ଲକ ଅନ୍ଧକାରରେ ରହିଛି। ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାମ ଚାଲିଛି।"



## କୋଭିଡ୍-୧୯ରେ ମୃତକଙ୍କ ନିମନ୍ତେ ୫୦ ହଜାର ଟଙ୍କାର ସହାୟତା ରାଶି: ମଇ ୨୮ ଆବେଦନର ଶେଷ ତାରିଖ

ଭୁବନେଶ୍ୱର,୮ ।୪(ପି.ଏନ): କୋଭିଡ୍-୧୯ରେ ମୃତ୍ୟୁ ପାଇଁ ବିପର୍ଯ୍ୟୟ ମୁକାବିଲା ପାଣ୍ଠିରୁ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ମୃତକଙ୍କ ନିକଟତମ ସଂପର୍କୀୟଙ୍କୁ ଯୋଗାଇ ଦିଆଯାଉଛି । ଯେଉଁ ବ୍ୟକ୍ତିମାନେ ୨୦୨୨ ମାର୍ଚ୍ଚ ୨୦ ତାରିଖ କିମ୍ବା ତାହା ପୂର୍ବରୁ କୋଭିଡ୍-୧୯ରେ ମୃତ୍ୟୁବରଣ କରିଛନ୍ତି ଏବଂ ସେମାନଙ୍କ ନିକଟତମ ସଂପର୍କୀୟମାନେ ଯଦି ଏହି ସହାୟତା ରାଶି ପାଇନାହାନ୍ତି ସେମାନେ ଆବେଦନ ପତ୍ର/ଦରଖାସ୍ତ ଓ ଆବଶ୍ୟକୀୟ ଦସ୍ତାବିଜ ସହିତ ଜିଲ୍ଲାପାଳଙ୍କୁ ଅଫ୍‌ଲାଇନ୍ କିମ୍ବା ଅନ୍‌ଲାଇନ୍‌ରେ ଷଷଷ୍ପଷ୍ପକ୍ତ୍ରଷ୍ପ:// ମବକ୍ତ୍ରଷ୍ପ.କ୍ଟୟସଷ୍ପଷବ.ଶକ୍ଟଙ୍ଗ.ସଭ ୱେବ୍‌ସାଇଟ୍ ଜରିଆରେ ଆସନ୍ତା ୬୦ ଦିନ ଅର୍ଥାତ୍ ୨୦୨୨ ମଇ ୨୮ ତାରିଖ ମଧ୍ୟରେ ଆବେଦନ କରିପାରିବେ । ଯଦି କୌଣସି ବ୍ୟକ୍ତି ୨୦୨୨ ମାର୍ଚ୍ଚ ୨୦ ତାରିଖ ପରେ ମୃତ୍ୟୁବରଣ କରିଛନ୍ତି କିମ୍ବା ଯଦି କେହି ଭବିଷ୍ୟତରେ କୋଭିଡ୍-୧୯ରେ ମୃତ୍ୟୁବରଣ କରନ୍ତି ତେବେ ତାଙ୍କ ଆତ୍ମୀୟସ୍ୱଜନ କୋଭିଡ୍-୧୯ ମୃତ୍ୟୁ ସହାୟତା ରାଶି ନିମନ୍ତେ ମୃତ୍ୟୁ ଘଟିଥିବା ଦିନଠାରୁ ୯୦ ଦିନ ମଧ୍ୟରେ ଅବେଦନ ପତ୍ର/ଦରଖାସ୍ତ ଓ ଆବଶ୍ୟକୀୟ ଦସ୍ତାବିଜ୍ ସହିତ ଜିଲ୍ଲାପାଳଙ୍କୁ ଅଫ୍‌ଲାଇନ୍ କିମ୍ବା ଅନ୍‌ଲାଇନ୍‌ରେ ଷଷଷ୍ପଷ୍ପକ୍ତ୍ରଷ୍ପ:// ମବକ୍ତ୍ରଷ୍ପ.କ୍ଟୟସଷ୍ପଷବ.ଶକ୍ଟଙ୍ଗ.ସଭ ୱେବ୍‌ସାଇଟ୍ ଜରିଆରେ ଆବେଦନ କରିପାରିବେ । କୌଣସି ଅସୁବିଧା କିମ୍ବା ଦୁରାବସ୍ଥା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରା ଉପରୋକ୍ତ ଧାର୍ଯ୍ୟ ସମୟସୀମା ମଧ୍ୟରେ ଯଦି କୌଣସି ଆବେଦନକାରୀ ଏହି ସହାୟତା ନିମନ୍ତେ ଆବେଦନ କରିବାରେ ବିଫଳ ହୁଅନ୍ତି ତେବେ ସେମାନେ ପ୍ରତ୍ୟେକ ଜିଲ୍ଲାରେ ଗଠନ କରାଯାଇଥିବା ଗ୍ରିଭାନ୍ସ ରିଡ୍ରେସାଲ କମିଟି ମାଧ୍ୟମରେ ଆବେଦନ କରିପାରିବେ । ପ୍ରତ୍ୟେକ କମିଟି ର ଆବେଦନକାରୀଙ୍କ ତଥ୍ୟ ଆଧାରରେ ଆବଶ୍ୟକୀୟ ଯାଂଚ ଏବଂ ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ନେବେ । କୋଭିଡ୍-୧୯ରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ଆତ୍ମୀୟସ୍ୱଜନଙ୍କୁ ଆବେଦନ କରିବାର ୩୦ ଦିନ ମଧ୍ୟରେ ଏହି ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ । ଆବଶ୍ୟକସ୍ଥଳେ ଜନସାଧାରଣ ଦେୟମୁକ୍ତ ସଂଯୋଗ ହେଲପ୍‌ଲାଇନ୍ ନମ୍ବର ୧୫୫୩୫କୁ ଯୋଗାଯୋଗ କରି ସହାୟତା ନେଇପାରିବେ ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜଣାଇଛନ୍ତି ।

## କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କଲେ ଅପରାଜିତା

ଭୁବନେଶ୍ୱର, ୮ ।୪(ପି.ଏନ): ଭୁବନେଶ୍ୱର ସାଂସଦ ତଥା ବିଜେପିର ରାଷ୍ଟ୍ରୀୟ ପ୍ରବକ୍ତା ଅପରାଜିତା ଷଡଙ୍ଗୀ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ଭେଟିଛନ୍ତି । ସେ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।ସେ କହିଛନ୍ତି ଯେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ଭେଟି ସେ ତାଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି । ସେ ତାଙ୍କ ଠାରୁ ମାର୍ଗଦର୍ଶନ ନେବା ସହ ତାଙ୍କର ପରାମର୍ଶ ଓ ସହଯୋଗ ପାଇଁ ଧନ୍ୟବାଦ ଜ୍ଞାପନ କରିଛନ୍ତି

### ଜେଲ୍ ଗଲେ କୋଟିପତି ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ରାଉଳ

ଭୁବନେଶ୍ୱର, ୮ ।୪(ପି.ଏନ): ଆୟବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଭଞ୍ଜନଗରର ସହକାରୀ ଯନ୍ତ୍ରୀ କାର୍ତ୍ତିକେଶ୍ୱର ରାଉଳଙ୍କୁ ଭିଜିଲାନ୍ସ ଗିରଫ କରିବା ପରେ ଶୁକ୍ରବାର ଦିନ ତାଙ୍କୁ ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଜେଲକୁ ପଠାଇ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ତାଙ୍କର ସମ୍ପତିର ମୂଲ୍ୟ ୫ କୋଟି ୮୨ ହଜାର ୭୯୪ ଟଙ୍କାରୁ ଅଧିକ ବୋଲି ଜଣାଯାଇଛି । ଏହା ତାଙ୍କର ବୈଧ ଆୟ ତୁଳନାରେ ପ୍ରାୟ ୭୪୧ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ବିଭାଗ କହିଛି। ଏହି ମାମଲାରେ ତଦନ୍ତ ଏବେ ବି ଜାରି ରହିଥିବାରୁ ଏହି ରାଶି ଆହୁରି ବଢିବାର ସମ୍ଭାବନା ରହିଛି । ଗତକାଲି କାର୍ତ୍ତିକେଶ୍ୱରଙ୍କ ଦ୍ୱିତୀୟ ପତ୍ନୀଙ୍କ ଘରୁ ନଗଦ ୨ କୋଟି ୫୦ ଲକ୍ଷ ଟଙ୍କା ଜବତ ହୋଇଥିଲା । ତାଙ୍କର ଜବତ ସଂପତିର ପରିମାଣ ୪ କୋଟି ୭୬ ଲକ୍ଷ ଟଙ୍କା ଆକଳନ କରାଯାଇଛି। ଜବତ ସଂପତି ଭିତରେ ନଗଦ ଟଙ୍କା ସହିତ ସୁନା ଗହଣା, ଏକାଧିକ ଘର ଓ ପ୍ଲଟ୍ ସାମିଲ ଅଛି।

### ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଲେ ହାଇକୋର୍ଟ

ଭୁବନେଶ୍ୱର, ୮ ।୪(ପି.ଏନ): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ହାଇକୋର୍ଟ ଶୁକ୍ରବାର ଦିନ ତିନୋଟି ପ୍ରସଙ୍ଗରେ ରାଜ୍ୟ ସରକାର ଓ ଆର୍କୋଲୋଜିକାଲ ସର୍ଭେ ଅଫ ଇଣ୍ଡିଆକୁ ଜବାବ ତଲବ କରିଛନ୍ତି ।ଏ ସମ୍ପର୍କିତ ଏକ ମାମଲାର ଶୁଣାଣୀ କରି ୩ଟି ପ୍ରସଙ୍ଗରେ ଉତର ଦେବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ କଣ ନିର୍ମାଣ ହେଉଛି ? ନିର୍ମାଣ କାର୍ଯ୍ୟ ପାଇଁ ଅନୁମତି ରହିଛି ନା ନାହିଁ ? ନିର୍ମାଣ ଦ୍ୱାରା ଶ୍ରୀମନ୍ଦିର ପ୍ରତି ବିପଦ ଅଛି ନା ନାହିଁ ଜଣାଅ ବୋଲି ହାଇକୋର୍ଟ କହିଛନ୍ତି ।

## ଗୋଟିଏ ଦିନରେ ୨୨ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୮ ।୪(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୨ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୭୮୨୩ କୁ ବୃଦ୍ଧି ପାଇଛି ।ସେହିପରି ୧୮ ବର୍ଷରୁ କମ ୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୪୪୧ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୦୮ ରହିଛି ।ଆଜି ଚିହ୍ନଟ ହୋଇଥିବା ୨୨ ଜଣଙ୍କ ମଧ୍ୟରୁ ୧୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୧ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲାରୁ ଜଣେ ହେଲେ ସଂକ୍ରମିତ ହୋଇ ନ ଥିବା ବେଳେ ବାଲେଶ୍ୱର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ହୋଇ ନ ଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧ ଓ ବଲାଙ୍ଗୀର ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୪ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ପାରି ନାହାନ୍ତି। ଗଜପତି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଂଜାମ ଓ ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ଚିହ୍ନଟ ହୋଇ ନାହାନ୍ତି । ଯାଜପୁର ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଝାରସୁଗୁଡ଼ା ଓ କଳାହାଣ୍ଡି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡା ଓ କେନ୍ଦୁଝର ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।ଖୋର୍ଦ୍ଧାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ମୟୂରଭଞ୍ଜ ଓ ନବରଙ୍ଗପୁରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇନାହାନ୍ତି । ନୂଆପଡା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ପୁରୀ ଓ ରାୟଗଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ସମ୍ବଲପୁର ଜିଲ୍ଲାରୁ ୪ ଓ ସୋନପୁର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଷ୍ଟେଟ୍ ପୁଲରୁ ୧ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## କ୍ୟାବିନେଟ୍ ନିଷ୍ପତ୍ତିକୁ ଫୁଁ' : ୨ବର୍ଷ ଧରି ସମ୍ପତ୍ତି ତାଲିକା ଦେଉନାହାନ୍ତି ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀ



ଭୁବନେଶ୍ୱର,୮ ।୪(ପି.ଏନ): ଗତ କିଛିଦିନ ଧରି ରାଜ୍ୟ ଭିଜିଲାନ୍ସ ଜଣେ ପରେ ଜଣେ ଅଫିସରଙ୍କ ଠାରୁ ଆଖି ଖୋସି ହେବା ଭଳି ନଗଦ ଟଙ୍କା ଓ ସମ୍ପତ୍ତି ଜବତ କରିବା ପରେ ରାଜ୍ୟ ପ୍ରଶାସନ ଦୁର୍ନୀତିରେ ଉବୁଟୁବୁ ହେଉଥିବା ଜଣାପଡିଛି। ଦୁର୍ନୀତି ଉପରେ ଲଗାମ୍ ଦେବା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଏଭଳି, ଯାହା ଏବେ ଦାଣ୍ଡରେ ପଡି ହାଟରେ ଗଡୁଛି। ଏପରିକି ଗତ ୨ଟି ଆର୍ଥିକ ବର୍ଷ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କଠୁ ଆରମ୍ଭ କରି ବିଭିନ୍ନ ମନ୍ତ୍ରୀ ପର୍ଯ୍ୟନ୍ତ କିଏ କେତେ ସମ୍ପତ୍ତି ଆହରଣ କରିଛନ୍ତି, କେହି ତା'ର ଟେର ପାଇପାରୁନାହାନ୍ତି ।ସରପଂଚ୍‌ଙ୍କଠୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଓ ପିଅନଠୁ ଆରମ୍ଭ କରି ମୁଖ୍ୟ ସଚିବଙ୍କ ପର୍ଯ୍ୟନ୍ତ ସମସ୍ତେ ପ୍ରତିବର୍ଷ ସେମାନଙ୍କର ସମ୍ପତ୍ତି ତାଲିକା ଦେବେ ଓ ଏହାକୁ ସାର୍ବଜନୀନ କରାଯିବ ବୋଲି ୨୦୨୦ ଡିସେମ୍ବର ୨୮ରେ ରାଜ୍ୟ କ୍ୟାବିନେଟରେ ନିଷ୍ପତ୍ତି ହୋଇଥିଲା। ତେବେ ଏହାକୁ ଖୋଦ୍ ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରୀମାନେ ଖାତିର କରୁନଥିବା ଜଣାପଡିଛି ।ମିଳିଥିବା ସୂଚନା ଅନୁସାରେ, ୨୦୨୦-୨୧ ଓ ୨୦୨୧-୨୨ ଆର୍ଥିକ ବର୍ଷ ଶେଷ ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ମନ୍ତ୍ରିମଣ୍ଡଳର ସହଯୋଗୀମାନେ ନିଜର ବାର୍ଷିକ ସମ୍ପତ୍ତି ବିବରଣୀକୁ ସାର୍ବଜନୀନ କରୁନାହାନ୍ତି । ଏନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ନିଜର ସମ୍ପତ୍ତି ବିବରଣୀ ସାର୍ବଜନୀନ କରୁନଥିବାରୁ ରାଜ୍ୟ କ୍ୟାବିନେଟ ୨୦୨୦ ଡିସେମ୍ବର ୨୮ତାରିଖରେ ନେଇଥିବା ନିଷ୍ପତ୍ତି ମଧ୍ୟ ପରୋକ୍ଷରେ ଅର୍ଥହୀନ ହୋଇପଡିଛି ।ମୁଖ୍ୟମନ୍ତ୍ରୀ ଓ ତାଙ୍କ ମନ୍ତ୍ରିମଣ୍ଡଳ ସହଯୋଗୀମାନେ ଶେଷଥର ପାଇଁ ୨୦୧୯-୨୦ ଆର୍ଥିକ ବର୍ଷରେ ନିଜର ବାର୍ଷିକ ସମ୍ପତ୍ତି ବିବରଣୀକୁ ସାର୍ବଜନୀନ କରିଥିଲେ । ତା'ପରଠୁ ନିଜର ସମ୍ପତ୍ତିକୁ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ କାହିଁକି ସାଧାରଣ ଲୋକଙ୍କ ଅବଗତ ନିମନ୍ତେ ସାର୍ବଜନୀନ କରୁନାହାନ୍ତି, ତା'ର କାରଣ ଅସ୍ପଷ୍ଟ ହୋଇଥିଲେ ମଧ୍ୟ ରାଜ୍ୟ କ୍ୟାବିନେଟର ନିଷ୍ପତ୍ତି ଅନୁସାରେ ସମ୍ପତ୍ତି ବିବରଣୀ ସାର୍ବଜନୀନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ବାଧ୍ୟ । କ୍ୟାବିନେଟ ନିଷ୍ପତ୍ତି ଅନୁସାରେ, ସରପଂଚ୍‌ଙ୍କଠୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ, ପିଅନଠୁ ଆରମ୍ଭ କରି ମୁଖ୍ୟ ସଚିବଙ୍କ ପର୍ଯ୍ୟନ୍ତ ସମସ୍ତେ ନିଜର ବାର୍ଷିକ ସମ୍ପତ୍ତି ତାଲିକା ଦେବାକୁ ବାଧ୍ୟ । ଏହାକୁ ମଧ୍ୟ ଜନସାଧାରଣଙ୍କ ସୂଚନା ନିମନ୍ତେ ପବ୍ଲିକ ଡୋମେନରେ ରଖାଯିବ ଓ ଏହାର ଏକକିତା ନକଲ ମଧ୍ୟ ରାଜ୍ୟ ଲୋକାୟୁକ୍ତଙ୍କୁ ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା ।ମାତ୍ର କ୍ୟାବିନେଟର ଏହି ନିଷ୍ପତ୍ତି ଏବେ ପାଣିର ଗାର ସଦୃଶ ହୋଇଛି ।କ୍ୟାବିନେଟର ନିଷ୍ପତ୍ତିକୁ ଖୋଦ୍ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନେ ମାନୁନଥିବାବେଳେ ଅନ୍ୟମାନଙ୍କୁ ଏହା ମଧ୍ୟ ଆଶା କରାଯାଇନପାରେ । ରାଜ୍ୟରେ ଗତ କିଛି ଦିନ ଧରି ଡାକ୍ତର ସୁକାନ୍ତ କୁମାର ଜେନା(୧.୧୨କୋଟି ଟଙ୍କା ନଗଦ), ଇଞ୍ଜିନିୟର ଆଶୀଷ କୁମାର ଦାସ( ୧.୩୯କୋଟି ଟଙ୍କା ନଗଦ) ଓ କାର୍ତ୍ତିକେଶ୍ୱର ରାଉଳ( ୨କୋଟି ଟଙ୍କା ନଗଦ ଓ ୨୦ଟି ସୁନା ବିସ୍କୁଟ), ପୁଲିସ ଅଫିସର ତ୍ରିନାଥ ମିଶ୍ର(୧୧.୨କୋଟି ଟଙ୍କାର ସମ୍ପତ୍ତି ଠାବ) ଆଦିଙ୍କ ଭଳି ସରକାରୀ କର୍ମଚାରୀଙ୍କଠୁ ଆଖି ଖୋସି ହେବା ଭଳି ସମ୍ପତ୍ତି ମିଳିବା ପରୋକ୍ଷରେ ସରକାରଙ୍କ ଦୁର୍ନୀତି ବିରୁଦ୍ଧ ଲ ? ?ଇ ପାଇଁ ଥିବା ଆନ୍ତରିକତାକୁ ପଦାରେ ପକାଇଛି ।ଲ୍ଲେଖଯୋଗ୍ୟ, ୨୦୨୦ ଡିସେମ୍ବର ୨୧ତାରିଖରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ରାଜ୍ୟ କାର୍ଯ୍ୟ ପରିଷଦ ବୈଠକକୁ ସମ୍ବୋଧିତ କରି ବିକାଶ କାର୍ଯ୍ୟରେ ଦୁର୍ନୀତି ସବୁଠୁ ବଡ ପ୍ରତିବନ୍ଧକ ସାଜିଛି ବୋଲି କହିଥିଲେ। ତାଙ୍କ ସରକାର ରାଜ୍ୟରେ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ଶାସନ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିବା ସହ ବିଜେଡିର ସମସ୍ତ ନିର୍ବାଚିତ ଲୋକପ୍ରତିନିଧି ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ କରିବେ ବୋଲି ନିର୍ଦ୍ଦେଶ ଦେଇଥିଲେ । ଏପରିକି ଦଳର ସାଂସଦମାନେ ବି ସ୍ୱେଚ୍ଛାକୃତ ସମ୍ପତ୍ତି ବିବରଣୀ ଦାଖଲ କରି ଉଦାହରଣ ସୃଷ୍ଟି କରିବେ । ଏସବୁ ସମ୍ପତ୍ତି ବିବରଣୀକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ରଖାଯିବ ।ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣାର ଏକ ସପ୍ତାହ ନପୁରୁଣୁ ଅନୁରୂପ ପ୍ରସ୍ତାବ ରାଜ୍ୟ କ୍ୟାବିନେଟରେ ଅଣାଯାଇ 'ଦୁର୍ନୀତି ବିରୋଧରେ ଆମର ସାଲିସ ବିହୀନ ଲ ? ?ଇ ସାରା ଭାରତରେ ଆମ ରାଜ୍ୟ ପ୍ରତି ସୁନାମ ଆଣିଛି' ବୋଲି କୁହାଯାଇଥିଲା। ତେଣୁ ସମସ୍ତ ନିର୍ବାଚିତ ଲୋକ ପ୍ରତିନିଧି (ସରପଂଚ, ବିଧାୟକ, ମନ୍ତ୍ରୀ) ଓ ପିଅନଠୁ ମୁଖ୍ୟ ସଚିବ ପର୍ଯ୍ୟନ୍ତ ନିଜର ବାର୍ଷିକ ସମ୍ପତ୍ତି ବିବରଣୀ ଦାଖଲ କରିବେ ବୋଲି ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେଇଥିଲେ । ମାତ୍ର ମୁଖ୍ୟମନ୍ତ୍ରୀ ଓ ରାଜ୍ୟ କ୍ୟାବିନେଟର ଏହି ନିଷ୍ପତ୍ତି ଯେ କେବଳ ଗଣମାଧ୍ୟମରେ ପ୍ରଚାରସର୍ବସ୍ୱ ଥିଲା, ତାହା ଏବେ ସ୍ପଷ୍ଟ ହୋଇଯାଇଛି ।ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କର ବାର୍ଷିକ ସମ୍ପତ୍ତି ବିବରଣୀକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏପର୍ଯ୍ୟନ୍ତ ସାର୍ବଜନୀନ କରୁନଥିବାବେଳେ ଅନ୍ୟମାନଙ୍କର ସମ୍ପତ୍ତି କିଭଳି ଲୋକଲୋଚନକୁ ଆସିବ ତଥା ଦୁର୍ନୀତିଗ୍ରସ୍ତଙ୍କ ଉପରେ ନଜର ରଖିବାକୁ ସାଧାରଣ ଲୋକେ ସକ୍ଷମ ହେବେ ତାକୁ ନେଇ ପ୍ରଶ୍ନ ଉଠିଛି । ସରକାରଙ୍କ କଥା ଓ କାର୍ଯ୍ୟରେ ଆକାଶପାତାଳ ଫରକ ରହୁଥିବାରୁ ରାଜ୍ୟରେ ଦୁର୍ନୀତି ବ? ଚାଲିଛି ଓ ଭିଜିଲାନ୍ସ ଯାହାକୁ ଛୁଁଉଚି, ତାଙ୍କଠୁ କୋଟି କୋଟି ଟଙ୍କାର ବେଆଇନ ସମ୍ପତ୍ତି ଠାବ ହୋଇପାରୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।ସୂଚନାଯୋଗ୍ୟ, ୨୦୧୯-୨୦ ଆର୍ଥିକ ବର୍ଷ ଶେଷ ସୁଦ୍ଧା ମୁଖ୍ୟମନ୍ତ୍ରୀଙ୍କ ମୋଟ ସମ୍ପତ୍ତି ପରିମାଣ ୬୪.୯୮କୋଟି ଟଙ୍କା ଥିଲା ଓ ନିଜ କ୍ୟାବିନେଟରେ ସେ ସବୁଠୁ ଧନୀ ଥିଲେ ।

## 'ରାଜ୍ୟରେ କେବେ ସୁଦ୍ଧା ପକ୍କା ଘର ଆବଂଟନ ସଂପୂର୍ଣ୍ଣ ହେବ, ଘୋଷଣା କରନ୍ତୁ ରାଜ୍ୟ ସରକାର: ପୃଥ୍ୱୀରାଜ ହରିଚନ୍ଦନ

ଭୁବନେଶ୍ୱର, ୮ ।୪(ପି.ଏନ): ସମାଜରେ ବାସ କରୁଥିବା ଗରୀବ ଶ୍ରେଣୀର ଲୋକମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି କରିବା ଲକ୍ଷ୍ୟ ରଖି ସେମାନଙ୍କୁ ପ୍ରଥମେ ବାସଗୃହ ଯୋଗାଇଦେବା ଉଦ୍ଦେଶ୍ୟରେ କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ପ୍ରଧାନମନନ୍ତ୍ରୀ ଅବାସ ଯୋଜନାର ଶୁଭାରମ୍ଭ କରିଥିଲେ । ଜନଭାଗିତା କାରଣରୁ ଆଜି ସୁଦ୍ଧା ୩ କୋଟିରୁ ଊର୍ଦ୍ଧ୍ୱ ବାସଗୃହ ନିର୍ମାଣ ସମ୍ଭବ ହୋଇଛି । ଦେଶର ଗ୍ରାମାଂଚଳରେ ବାସହୀନଙ୍କ ପାଇଁ ୨.୫୨ କୋଟି ବାସଗୃହ ଏବଂ ସହରାଂଚଳରେ ୫୮ ଲକ୍ଷ ବାସଗୃହ ନିର୍ମାଣ ଶେଷ ହୋଇଛି ଏବଂ ଏଥି ପାଇଁ ମୋଦି ସରକାର ୩.୧୩ ଲକ୍ଷ କୋଟି ଟଙ୍କା ପ୍ରଦାନ କରିଛନ୍ତି । ଓଡିଶା ରାଜ୍ୟରେ ମଧ୍ୟ ଉଭୟ ଗ୍ରାମାଂଚଳ ଓ ସହରାଂଚଳରେ ବର୍ତ୍ତମାନ ସୁଦ୍ଧା ୧୬.୮୫ ଲକ୍ଷ ବାସଗୃହ ନିର୍ମାଣ ଶେଷ ହୋଇଛି । ରାଜ୍ୟର ଜଣେ ହେଲେ ଯେପରି ବାସହୀନ ରହିବେ ନାହିଁ, ସେଥିପାଇଁ ମୋଦି ସରକାର ପ୍ରତିଶୃତିବଦ୍ଧ ଥିବାବେଳେ ରାଜ୍ୟସରକାରଙ୍କ ଆନ୍ତରିକତାର ଅଭାବ ପରିଲକ୍ଷିତ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସାଧାରଣ ସଂପାଦକ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ।ଓଡିଶା ଭଳି ପଛୁଆ ରାଜ୍ୟରେ ଗରୀବ ବାସହୀନମାନଙ୍କୁ ଏହି ଯୋଜନା ଅନ୍ତର୍ଗତ ବାସଗୃହ ଯୋଗାଇଦେବା ପାଇଁ ମୋଦି ସରକାର ପ୍ରତିଶୃତିବଦ୍ଧ । ଅନ୍ୟ ପଟେ ଓଡିଆ ପ୍ରଦେଶରେ ପ୍ରଧାନମନ୍ତ୍ରୀଙ୍କ 'ହାଉସିଂ ଫର୍ ଅଲ୍' ସ୍ୱପ୍ନକୁ ଧୂଳିସାତ କରିବା ପାଇଁ ବିଧିବଦ୍ଧ ଭାବେ ଷଡଯନ୍ତ୍ର ଚଲାଇଛନ୍ତି ରାଜ୍ୟସରକାର । ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ବିଜେପି ବାରମ୍ବାର ଆନ୍ଦୋଳନ କରିଛି। ବର୍ତ୍ତମାନ ସୁଦ୍ଧା ପୂର୍ଣ୍ଣାଙ୍ଗ, ପ୍ରକୃତ ଓ ନିରପେକ୍ଷ ତାଲିକା ପ୍ରସ୍ତୁତ ହୋଇନାହିଁ । ତାଲିକାରେ ସାମିଲ ବାସହୀନଙ୍କୁ ବାସଗୃହ ନ ଯୋଗାଇ ଶାସକ ବିଜେଡିର ମୁଷ୍ଟିମେୟ ନେତା ଓ ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଏହି ଯୋଜନାର ଅର୍ଥକୁ ବ୍ୟାପକ ମାତ୍ରାରେ ହରିଲୁଟ୍ କରୁଛନ୍ତି । ଯୋଗ୍ୟ ଗରୀବ ହିତାଧିକାରିଙ୍କୁ ବାସଗୃହ ନଦେଇ ଦଳୀୟ ଆଧାରରେ ବାସଗୃହ ବଂଟନ କରୁଛି ଶାସକ ବିଜେଡି। ବିଜେପିର ବାରମ୍ବାର ଦାବୀ ପରେ ବାସଗୃହ ପାଇବାରୁ ବଂଚିତ ହୋଇଥିବା ଗରୀବ ହିତାଧିକାରୀଙ୍କ ଦ୍ୱାରା ଆବେଦନ କରାଯାଇଥିବା ଦରଖାସ୍ତ ବର୍ତ୍ତମାନ ସୁଦ୍ଧା ଯାଂଚ କରାଯାଇ ତାଲିକାଭୁକ୍ତ କରାଯାଇ ପାରିଲା ନାହିଁ ।





# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

---

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ୱା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ୱା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ



ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜୁତ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍, ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ୍ୟ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ୍ୟ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ୍ୟ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ୍ୟ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ।



ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ୍ୟ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ୍ୟ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ୱା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ୍ୟ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ୍ୟ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର



ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ୍ୟ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ୍ୟ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ପାକିସ୍ତାନର ଗୋଳିଆ ରାଜନୀତି !





**ପା**କିସ୍ତାନ ଆମର ପଶ୍ଚିମ ସୀମାନ୍ତର ପଡୋଶୀ ରାଷ୍ଟ୍ର । ନିକଟରେ ସେ ଦେଶର ରାଜନୈତିକ ଅସ୍ଥିରତା ଆମର ମୁଣ୍ଡ ବିନ୍ଧାର କାରଣ ହୋଇଛି । କାରଣ ଲୋକ ମାନଙ୍କର ସରକାର ପ୍ରତି ଆକ୍ରୋଶକୁ ଭାରତ ଆଡେ ମୁହାଁଇଦେବା ପାକିସ୍ତାନର ପୁରୁଣା ଅଭ୍ୟାସ । ୧୯୪୭ ମସିହା ଅଗଷ୍ଟ ୧୪ ତାରିଖ ଇସଲାମ କାଲେଣ୍ଡରର ରମଦାନ ୨୭,୧୩୬୬ ବର୍ଷ ଦିନ ଭାରତଠାରୁ ପୃଥକ ହୋଇ ପାକିସ୍ତାନ ଏକ ଇସଲାମିକ ରିପବ୍ଲିକରେ ପରିଣତ ହୋଇଥିଲା । ଧର୍ମ ଭିତିରେ ପ୍ରତିଷ୍ଠା ହେବା ଏହା ବିଶ୍ୱର ପ୍ରଥମ ମୁସଲିମ ରାଷ୍ଟ୍ର । ପାକିସ୍ତାନର ପ୍ରତିଷ୍ଠାତା ମହମଦ ଅଲ୍ଲୀ ଜିନ୍ନା ବା କ୍ୱା ଏଦ ଆଜାମ ଏହାର ପ୍ରଥମ ଗଭର୍ଣ୍ଣର ଜେନେରାଲ, ଜାତୀୟ ଆସେମ୍ବଲିର ସଭାପତି ଓ ବାଚସ୍ପତି ରୁପେ ଘୋଷିତ ହୋଇଥିଲେ । U may go to ur temple, U may go to ur mosque or any other place of worship, may be of any color cast or religion; that has nothing to do ln business of state. ୧୯୪୯ ମସିହାରେ ମୌଲାନା ଓ ଜାମାତ-ଇ-ଇସଲାମ ଭଳି ସଂଗଠନ ଚାପରେ ଅବଜେକ୍ଟିଭ ରେଜୁଲେସନ ଅଣାହେଲା । ଇଶ୍ୱର ସର୍ବଶକ୍ତିମାନ,ତାଙ୍କ ଶକ୍ତି ସେ ରାଷ୍ଟ୍ରକୁ ପ୍ରଦାନ କରିଛନ୍ତି । ତାଙ୍କ ପ୍ରଣିତ ଆଇନ ହିଁ ଦେଶରେ ପ୍ରଚଳିତ ହେବ ।

ପାକିସ୍ତାନର ସମ୍ବିଧାନ ୧୯୫୬,୧୯୬୨ ଓ୧୯୭୩ର ପ୍ରିଆମ୍ବଲ ରେ ଏହା ଯୋଡା ଯାଇଛି । ୧୯୪୯ ମସିହା ସେପ୍ଟମ୍ବର ୧୪ ରେ ପ୍ରତିଷ୍ଠାତା ଜିନ୍ନାଙ୍କର ପରଲୋକ ହେଲା । ଲିଆକତ ଅଲ୍ଲୀ ପାକିସ୍ଥାନ ର ପ୍ରଧାନ ମନ୍ତ୍ରୀ ହେଲେ । ଆତତାୟୀ ଦ୍ୱାରା ସେ ନିହତ ହେଲା ପରେ(୧୯୫୬) ପ୍ରେସିଡେଂଟ ଇସ୍କନ୍ଦର ମିର୍ଜା ସାମରୀକ ଶାସନ ଘୋଷଣା କଲେ । ୧୯୬୨ ମସିହାରେ ଜେନେରାଲ ଆୟୁବ ଖାଁ କ୍ଷମତା ଅଧିକାର କରି ନିଜକୁ ପ୍ରେସିଡେଂଟ ଘୋଷଣା କଲେ ।ଓସାମରୀକ ବାହିନୀ ହାତକୁ କ୍ଷମତା ଗଲା ।ଏହି ସମୟ ରୁ ପାକିସ୍ତାନ ଶାସନରେ ସାମରିକ ବାହିନୀର ପ୍ରଭାବ ସବୁବେଳେ ରହିଲା ଓ ବେସରକାରୀ ସରକାର ନାମକୁ ମାତ୍ର ଶାସନ ଚଲାଇଲା। ୧୯୬୫ ମସିହାରେ ଭାରତ ପାକିସ୍ତାନ ଯୁଦ୍ଧପରେ ପାକିସ୍ତାନରେ ଆର୍ଥିକ




ଅବନତି ହେଲା ଓ ଆୟୁବ ଖାଁ ତାଙ୍କ ସହକର୍ମି ୟାହିଆ ଖାଁ ଙ୍କୁ କ୍ଷମତା ଦେଇ ବିଦେଶକୁ ଚାଲିଗଲେ । ୟାହିଆ ଖାଁ ୧୯୭୦ ମସିହାରେ ପ୍ରଥମ ସାଧାରଣ ନିର୍ବାଚନ କରାଇଲେ । ପୂର୍ବ ପାକିସ୍ତାନର ଆୱାମି ଲିଗ ମୁଜିବୁର ରହମନଙ୍କ ନେତୃତ୍ୱରେ ସଂପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ଲାଭ କଲା । ପଞ୍ଜାବୀ ମାନେ ବଙ୍ଗାଳୀଙ୍କ ହାତକୁ କ୍ଷମତା ଦବାର ପକ୍ଷପାତି ନଥିଲେ । ୟାହିଆ ଖାଁ ଓ ତତକାଳିନ ପିପିପି ପାର୍ଟିର ମୁଖ୍ୟ ଜେଡ ଏ ଭୁଟୋ ଚକ୍ରାନ୍ତ କରି ମୁଜବିର ରହମନଙ୍କୁ କ୍ଷମତା ଦେଲେନାହିଁ । ଫଳରେ ବିଦ୍ରୋହ ଗୃହଯୁଦ୍ଧ ଓ ଭାରତର ଆକ୍ରମଣ ହୋଇ ସ୍ୱାଧିନ ବଙ୍ଗଳାଦେଶର ସୃଷ୍ଟି ହେଲା । ପାକିସ୍ତାନର ଜନସଂଖ୍ୟା ଓ କ୍ଷେତ୍ରଫଳ ଅଧା କମିଗଲା । ଏହି ଘଟଣାରେ ୟାହିଆ ଖାଁ କ୍ଷମତାଚ୍ୟୁତ ହେଲେ । ପିପିପି ପାର୍ଟି ମୁଖ୍ୟ ଜେଡ ଏ ଭୁଟୋ ମୁଖ୍ୟ ପ୍ରଶାସକ ହେଲେ । ସାମରୀକ ବାହିନୀ ପରାଜୟ ପରେ ଦୁର୍ବଳ ହୋଇଗଲା ଭୁଟୋ ପ୍ରଥମ ଥର ପାଇଁ ପାକିସ୍ଥାନ ଶାସନରେ ବେସସାମରିକ ପ୍ରଶାସକଙ୍କ ପ୍ରାଧାନ୍ୟ ପ୍ରତିଷ୍ଠା କଲେ । ୧୯୭୨ ମସିହାରେ ନୂତନ ସମ୍ବିଧାନ ଘୋଷଣା କଲେ । ସମାଜବାଦ, ଜାତୀୟକରଣ, ଦରିଦ୍ର କଲ୍ୟାଣ କାର୍ଯ୍ୟକ୍ରମ ଘୋଷଣା ହେଲା । ତା ସହିତ ପରମାଣୁ ବୋମା ନିର୍ମାଣ ନିଜର ଲକ୍ଷ୍ୟ ଘୋଷଣା ।ହେଲା, We will eat grass but have Atom Bomb, A thousand years war with India ଭଳି ଉକ୍ତି ଦ୍ୱାରା ସେ ପାକିସ୍ତାନର ସ୍ୱାଭିମାନକୁ ଫେରାଇଆଣିବାକୁ ପ୍ରୟାସ କରିଥଲେ । ୧୯୭୭ ମସିହାରେ ଭୁଟୋଙ୍କ ଇସ୍ତଫା ଦାବି କରି ଆନ୍ଦୋଳନ ହେଲା । ସେନା ମୁଖ୍ୟ ଜିଆଉଲ ହକ ଏହି ସୁଯୋଗରେ ସାମରିକ ଶାସନ ଜାରି କଲେ ଓ ଏକ ହତ୍ୟାକାଣ୍ଡ ମାମଲାରେ ଭୁଟୋଙ୍କୁ ଅଭିଯୁକ୍ତ କରି ୧୯୭୯ ମସିହାରେ ଫାଶୀ କରାଇଲେ । ଜିଆଉଲ ହକ ନିଜର ଏକ ଲୋକ ଦେଖାଣିଆ ଦଳ ଗଢି ନିର୍ବାଚନ କରି ନିଜେ ନିର୍ବାଚିତ ହେଲେ ବୋଲି ଘୋଷଣାକରି ନିଜକୁ ବେସାମରିକ ପ୍ରେସିଡେଂଟ ଘୋଷିତ କଲେ । ଦୁଇଥର ନିର୍ବାଚିତ ହେଲା ପରେ ୧୯୮୮ ମସିହାରେ ଏକ ବିମାନ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହେଲା ।ଏହା ପରେ ଭୁଟୋ ଙ୍କ କନ୍ୟା ବେନାଜିର ଭୁଟୋ ଓ ମୁସଲିମ ଲିଗର ନୱାଜ ସରିଫ ବଦଳା ବଦଳିରେ କ୍ଷମତାରେ ରହିଲେ ।

୧୯୯୭ ମସିହାରେ ପାକିସ୍ତାଲ ମୁସଲିମ ଲିଗ କ୍ଷମତାକୁ ଆସିଲା । ନୱାଜ ସରିଫ ପ୍ରଧାନମନ୍ତ୍ରୀ ହେଲେ । ଭାରତ ସହ ସଂପର୍କର ଉନ୍ନତି ପାଇଁ ସେ ବାଜପେୟୀଙ୍କୁ ଲାହୋରକୁ ନିମନ୍ତ୍ରଣ କଲେ । ବାଜପେୟୀ ବସ ଯାତ୍ରା କରି ଶୁଭେଚ୍ଛା ବାଂଟିଲେ । ସରିଫ ୧୯୯୮ ମସିହାରେ ପରମାଣୁ ପରୀକ୍ଷା କଲେ । ୧୯୯୯ ମସିହାରେ କାରଗିଲ ଆକ୍ରମଣ ପରେ ବିପର୍ଯ୍ୟୟ ଯୋଗୁ ସରିଫ ସାମରିକ ବିଭାଗକୁ ଦାୟୀ କଲେ । ଏଥିରେ କ୍ଷୁବ୍ଧ ହୋଇ ସେନା ମୁଖ୍ୟ ପରଭେଜ ମୁସାରଫ ସରିଫଙ୍କୁ ଗାଦିଚ୍ୟୁତ କରି ନିଜେ କ୍ଷମତା ଅଧିକାର କଲେ । ସରିଫ ବିଦେଶ ପଳାଇଲେ । ମୁସାରଫ ୧୯୯୯ରୁ ୨୦୦୧ ପର୍ଯ୍ୟନ୍ତ ମୁଖ୍ୟ ପ୍ରଶାସକ ଓ ତାପରେ ୨୦୦୮ପର୍ଯ୍ୟନ୍ତ ପ୍ରେସିଡେଂଟ ରୂପେ ରହିଲେ। ୨୦୦୭ ମସିହାରେ ସାଧାରଣ ନିର୍ବାଚନ ଘୋଷିତ ହେଲା । ବିଦେଶରେ ଥିବା ବେନାଜିର ଭୁଟୋ ନିର୍ବାଚନ ପାଇଁ ପାକିସ୍ତାନ ଫେରି ଆସିଲେ ଓ ଏକ ଆତଙ୍କବାଦୀ ହାମଲାରେ ନିହତ ହେଲେ । ଅନେକ ତାଙ୍କ ହତ୍ୟା ପାଇଁ ମୁସାରଫଙ୍କୁ ଦାୟୀ କଲେ। ୨୦୦୮ ନିର୍ବାଚନରେ ପିପିପି ଦଳ ବିଜେତା ହେଲା ଓ ଦଳର ୟୁସୁଫ ଜିଲାନି ପ୍ରଧାନମନ୍ତ୍ରୀ ହେଲେ । ଏହା ମଧ୍ୟରେ ପରଭେଜ ମୁସାରଫ ଅଗଷ୍ଟ ୧୫, ୨୦୦୮ରେ ନିଜ ପଦରୁ ଇସ୍ତଫା ଦେଲେ ଓ ବେନାଜିରଙ୍କ ସ୍ୱାମି ଅସିଫ ଅଲ ଜରଦାରି ପ୍ରେସିଡେଂଟ ହେଲେ । ନାନା ବିଶୃଂଖଳା ମଧ୍ୟରେ ଶାସନ ଚାଲିଲା । ଜିଲାନୀ କୋର୍ଟ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ପଦ ଛାଡିଲେ । ଜରଦାରୀ ନାନା ଦୁର୍ନୀତିରେ ଅଭିଯୁକ୍ତ ହେଲେ । ୨୦୧୩ ନିର୍ବାଚନରେ ନୱାଜ ସରିଫ ବିପୁଳ ସଂଖ୍ୟାଗରିଷ୍ଠତା ପାଇଲେ।। ପୂର୍ଣ୍ଣ ୫ ବର୍ଷ ଶାସନ କଲାପରେ ୨୦୧୮ ନିର୍ବାଚନରେ କ୍ରିକେଟରୁ ରାଜନୀତିକୁ ଆସିଥିବା ଇମ୍ରାମ ଖାଁଙ୍କ ପିଟିଆଇ ଦଳ ଏକକ ସଂଖ୍ୟାଗରିଷ୍ଠତା (୩୪୨ ରୁ ୧୧୬) ସ୍ଥାନ ପାଇ ଅନ୍ୟ ଦଳମାନଙ୍କର ସାହାଯ୍ୟରେ ମନ୍ତ୍ରୀମଣ୍ଡଳ ଗଠନ କଲେ ଓ ନିଜେ ପ୍ରଧାନମନ୍ତ୍ରୀ ହେଲେ । ରାଜନୈତିକ କାରଣରୁ ବିରୋଧିଦଳମାନେ ତାଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି । ତାକୁ ମୁକାବିଲା ପାଇଁ ଇମ୍ରାମ ଆସେମ୍ବଲି ଭଙ୍ଗ କରି ନୂତନ ନିର୍ବାଚନ ଘୋଷଣା କରି ବିରୋଧୀମାନଙ୍କୁ ଏକ ଶକ୍ତ ଧକକା ଦେଇଥିଲେ । ତିନି ମାସ ପରେ ନିର୍ବାଚନ ହେବ ବୋଲି ଘୋଷଣା ହୋଇଥିଲା । କିନ୍ତୁ ଦେଶର ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରି ଏହାକୁ ଅସିଦ୍ଧ ଘୋଷଣା କରି ଏପ୍ରିଲ ୯ ତାରିଖରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଆଦେଶ ଦେଇଛନ୍ତି ।

**ଡାଃ ସୁରେନ୍ଦ୍ର ନାଥ ଦାଶ**, ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬

# ଅଶୋକାଷ୍ଟମୀ





**ମ**ହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ପରି ଚୈତ୍ର ମାସରେ ଭୁବନେଶ୍ୱରର ଆରାଧ୍ୟ ମହାପ୍ରଭୁ ଶ୍ରୀ ଶ୍ରୀ ଲିଙ୍ଗରାଜଙ୍କ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ଚୈତ୍ର ମାସ ଶୁକ୍ଳ ଅଷ୍ଟମୀ ଦିନ ଯାତ୍ରାକୁ ଅଶୋକାଷ୍ଟମୀ କୁହାଯାଏ। ଏହି ଦିନ ଯାତ୍ରାର ରଥକୁ ରୁକୁଣା ରଥ କୁହାଯାଏ। ଏହି ସମୟରେ ଦେବୀ ଦୁର୍ଗାଙ୍କ ବାସନ୍ତୀ ଦୁର୍ଗା ପୂଜା ଚାଲିଥାଏ ଆଉ ଅଶୋକାଷ୍ଟମୀ ପରଦିନକୁ ରାମ ନବମୀ କୁହାଯାଏ। ରାମନବମୀ ପୂର୍ବଦିନ ଅଶୋକ ନାମ ଯୁକ୍ତ ଥିବାରୁ ରାମାୟଣରେ ବର୍ଣ୍ଣିତ ଅଶୋକ ବନ ସାଧାରଣତଃ ସ୍ମରଣକୁ ଆସିଥାଏ। ପ୍ରାଚୀନ ଭେଷଜ ଶାସ୍ତ୍ରରୁ ଜଣାଯାଏ ଅଶୋକ ବୃକ୍ଷ ହେଉଛି ଦୈନନ୍ଦିନ ଚିକିତ୍ସା ବିଶେଷକରି ସ୍ତ୍ରୀଲୋକମାନଙ୍କ ପାଇଁ ଉପକାରୀ। ସେହିପରି ରୁକୁଣା ରଥର ନାମା କରଣ ପଛରେ ରହିଛି ଶ୍ରୀକୃଷ୍ଣଙ୍କ ପତ୍ନୀ ରୁକ୍ମିଣୀଙ୍କ ନାମାନୁଯାୟୀ ଏହା ନାମିତ ହୋଇଛି ଯାହାକି ବୈଷ୍ଣବ ଯୁଗରୁ ଚଳି ଆସିଛି। ତେବେ ଏହି ରଥ ପ୍ରକୃତରେ ଅଶୋକଙ୍କ ସମୟରୁ ହିଁ ଆରମ୍ଭ ହୋଇଛି। ଲିଙ୍ଗରାଜ ମନ୍ଦିର ଠାରୁ ରଥ ଯେଉଁ ପର୍ଯ୍ୟନ୍ତ ଆସେ ସେ ସ୍ଥାନଟିର ନାମ ବିଜୟ ପଡ଼ିଆ। ସମସ୍ତଙ୍କ ଧାରଣା ତ୍ରିପୁରାସୁରକୁ ବଧ କରି ଶିବ ରଥାରୋହଣ କରିଥିବା ହେତୁ ଏହି ରଥରେ ଶିବ ବିଜୟ କରନ୍ତି ଏବଂ ସେହି ରଥର ସାରଥୀ ବ୍ରହ୍ମା ହୋଇଥିବାରୁ ରୁକୁଣା ରଥର ସାରଥୀ ବ୍ରହ୍ମା କୁହାଯାଏ। ଅଶୋକ ବର୍ତ୍ତମାନର ଓଡ଼ିଆ ତଥା ତତ୍କାଳୀନ କଳିଙ୍ଗ ଜୟ କରିବାକୁ ଆସି ଯାହା କରିଥିଲେ ତାହା ଅଶୋକଙ୍କ ତ୍ରୟୋଦଶ ଶିଳାନୁଶାସନରୁ ଜଣାପଡ଼େ। ସେ ଚଣ୍ଡାଶୋକରୁ ତାଙ୍କ ହୃଦୟ ବିଚଳିତ ହୋଇ ଧର୍ମାଶୋକରେ ପରିଣତ ହୋଇଥିଲା। ଭାରତୀୟ ସଂସ୍କୃତିରେ ଚୈତ୍ରମାସ ଈଶ୍ୱର ଉପାସନା ନିମିତ୍ତ ପ୍ରସିଦ୍ଧ ଲାଭ କରିଆସିଛି। ବୈଦିକ ଯୁଗରେ ଅଶ୍ୱମେଧ ଯଜ୍ଞାନୁଷ୍ଠାନ ଚୈତ୍ରମାସର ଚିତ୍ରା ନକ୍ଷତ୍ରେ ଅନୁଷ୍ଠିତ ହେଉଥିଲା। ସେହିପରି ରୁକୁଣା ରଥର ଦିଅଁମାନେ ରଥରୁ ଓହ୍ଲାଇ ଯେଉଁ ମନ୍ଦିରରେ ରହନ୍ତି ତାହା ରାମେଶ୍ୱର ମନ୍ଦିର ନାମରେ ପ୍ରସିଦ୍ଧ। ରାମେଶ୍ୱର ମନ୍ଦିରର କେତେ ଗଜ ପୂର୍ବ ଦକ୍ଷିଣକୁ ଲକ୍ଷ୍ମଣେଶ୍ୱର, ଭରତେଶ୍ୱର ଓ ଶତ୍ରୁଘ୍ନେଶ୍ୱର ମନ୍ଦିର। ଓଡ଼ିଶାର ବିଭିନ୍ନ ରଥଯାତ୍ରା ଭିତରେ ଭୁବନେଶ୍ୱରର ଅଶୋକାଷ୍ଟମୀ ରଥଯାତ୍ରା ବେଶ୍ ପ୍ରସିଦ୍ଧ। କୁହାଯାଏ ପୁରୀର ବଡ଼ ଠାକୁରଙ୍କ ରଥଯାତ୍ରା, କେନ୍ଦ୍ରାପଡ଼ାର ବଳଦେବଜୀଉଙ୍କ ରଥଯାତ୍ରା ପରେ ଭୁବନେଶ୍ୱରର ଏହି ରୁକୁଣା ରଥର ଯାତ୍ରା ଅତ୍ୟନ୍ତ ଆଡ଼ମ୍ବର ଓ ଦର୍ଶନୀୟ। ସମ୍ପ୍ରତି ମନ୍ଦିର ପରିଚାଳନା ବୋର୍ଡ଼ ବିଭିନ୍ନ ସମୟ ନିର୍ଘଣ୍ଟ ଭିତରେ ଲୋକାଭିମୁଖୀ କାର୍ଯ୍ୟକ୍ରମ ହାତକୁ ନେଇ ପ୍ରଶଂସିତ ହେଉଛନ୍ତି। ଅଶୋକାଷ୍ଟମୀ ଦିନ କେବଳ ଭୁବନେଶ୍ୱରକୁ ଛାଡ଼ିଦେଲେ ରାଜ୍ୟର ଅନ୍ୟ କୌଣସି ସ୍ଥାନରେ ଶିବଙ୍କର ଉତ୍ସବ ହୁଏନାହିଁ। ଏବଂ ଏହି ଦିନ ତ୍ରିପୁରାଶୁର ମଧ ବଧ ହୋଇନଥିଲା। ତାହା ହୋଇଥିଲେ ସର୍ବତ୍ର ଶିବ ବା ମହାଦେବଙ୍କ ପୀଠରେ ଏ ଉତ୍ସବ ପାଳିତ ହୋଇଥାନ୍ତା। ସେହିପରି କୌତୁହଳପୂର୍ଣ୍ଣ କଥା ହେଉଛି ରଥର ନାମ ରୁକୁଣା ରଥ ହୋଇଥିବାରୁ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ରଥରେ ବସାଇ ପଳାଇ ଆସିଥିବା କଥା ସ୍ୱତଃ ମନରେ ଆସିପାରେ। ମାତ୍ର ଏଠାରେ ଏଇ ପ୍ରଶ୍ନ ଅବାନ୍ତର। କାରଣ ରୁକ୍ମିଣୀ ଶିଶୁପାଳଙ୍କୁ ବିବାହ କରିବାର ସ୍ଥିର ହୋଇଥିଲା। ଐତିହାସିକଙ୍କ ତଥ୍ୟ ଅନୁଯାୟୀ ଭୁବନେଶ୍ୱର ଶିଶୁପାଳର ନିଜ ଭୂମି। ଶିଶୁପାଳ ପକ୍ଷରେ ଏହା ଅସମ୍ମାନ ସୂଚକ ଅବସ୍ଥା। ତାହାରି ରାଜଧାନୀରେ ଏଭଳି ଅସମ୍ମାନ ସୂଚକ ବ୍ୟବସ୍ଥା କିଏ କରିବ? କେହି କେହି ଐତିହାସିକ କୁହାନ୍ତି ଯେ ଏହି ଯାତ୍ରା ସମ୍ରାଟ ଅଶୋକଙ୍କ ବିଜୟ ଚିହ୍ନ କଳିଙ୍ଗ ସ୍ୱରୂପ ସେ ଯେଉଁ ବିଜୟ ରଥଯାତ୍ରା ପ୍ରବର୍ତ୍ତନ କରିଯାଇଥିଲେ ତାହା ହିଁ ବର୍ତ୍ତମାନର ରୁକୁଣା ରଥ।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**, ପିସି ସରକାର ଲେନ୍, ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

# କୋଣାର୍କ ଏନଏସିର ଉପାଧ୍ୟକ୍ଷ ହେଲେ ସୁରେଶ ଚନ୍ଦ୍ର ରାଉତରାୟ



କୋଣାର୍କ (ପିଏନ୍)-କୋଣାର୍କ ଏନଏସିର ନବନିର୍ବାଚିତ ଉପାଧ୍ୟକ୍ଷ ହେଲେ ସୁରେଶ ଚନ୍ଦ୍ର ରାଉତରାୟ । ଆଜି କୋଣାର୍କ ଏନଏସିର ନବନିର୍ବାଚିତ କାଉନସିଲରମାନଙ୍କ ମଧ୍ୟରୁ ଉପାଧ୍ୟକ୍ଷ ଚୟନ କରାଯାଇଥିଲା । ନିର୍ବାଚନ ଅଧିକାରୀ ସେଖ୍ ସାଗିରଙ୍କ ଉପସ୍ଥିତିରେ ଉପାଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ହୋଇଥିଲା । ଉପାଧ୍ୟକ୍ଷ ପଦବୀ ପାଇଁ ବିଜେଡିରୁ ସୁରେଶ ଚନ୍ଦ୍ର ରାଉତରାୟ ଓ କଂଗ୍ରେସ ପକ୍ଷରୁ ନିହାର ରଞ୍ଜନ ବେଉରା ପ୍ରାର୍ଥିପତ୍ର ଦାଖଲ କରିଥିଲେ। । ବିଜେଡିର ଶ୍ରୀ ରାଉତରାୟଙ୍କୁ ୮ଖଣ୍ଡ ଭୋଟ ମିଳିଥିବା ବେଳେ କଂଗ୍ରେସର ଶ୍ରୀ ବେଉରାଙ୍କୁ ୨ଖଣ୍ଡ ଏବଂ ଗୋଟିଏ ଭୋଟ ନାକଚ ହୋଇଥିଲା । ସର୍ବାଧିକ ୮ଖଣ୍ଡ ଭୋଟ ପାଇ ବିଜେଡିର ୪ନମ୍ବର ୱାର୍ଡର କାଉନସିଲର ପ୍ରାର୍ଥୀ ସୁରେଶ ଚନ୍ଦ୍ର ରାଉତରାୟ ବିଜୟୀ ହୋଇଥିଲେ । ଏହି ନିର୍ବାଚନୀ ପ୍ରକ୍ରିୟାରେ ବିଜେଡିର ଦୁଇଜଣ କାଉନସିଲର ସାମିଲ ହୋଇନଥିଲେ । ୧୩ଟି ୱାର୍ଡକୁ ନେଇ ଗଠିତ ହୋଇଥିବା କୋଣାର୍କ ଏନଏସିରେ ଚଳିତ ନିର୍ବାଚନରେ ବିଜେଡିକୁ ୭ଟି, କଂଗ୍ରେସକୁ ୩ଟି, ବିଜେପିକୁ ୨ଟି ଏବଂ ସ୍ୱାଧିନ୍‌କୁ ୧ଟି ଆସନ ମିଳିଥିଲା (ଏହି ସ୍ୱାଧିନ ପ୍ରାର୍ଥିନୀ ପରବ□ ସମୟରେ ବିଜେଡିରେ ଯୋଗ ଦେଇଥିଲେ) । ପୂର୍ବରୁ ଗତ ୩୦ ତାରିଖରେ ସୁଶ୍ରୀ ସଞ୍ଜୁକ୍ତା ତ୍ରିପାଠୀ ବିଧିବଦ୍ଧ ଭାବେ କୋଣାର୍କ ଏନଏସିର ଅଧ୍ୟକ୍ଷ ପଦବୀ ଆସନ ଅଳଙ୍କୃତ କରିଥିଲେ । କୋଣାର୍କର ଜମିଜମା ସମସ୍ୟାର ସମାଧାନ, ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା, ଆବାସ ଯୋଜନା ମାଧ୍ୟମରେ ବସ୍ତି ବାସିନ୍ଦାଙ୍କୁ ଜମିପଟ୍ଟା ଯୋଗାଇଦେବା, ସର୍ବୋପରି କୋଣାର୍କ ଏନଏସିର କୌଣସି ଜନସାଧାରଣ ଯେପରି ମୌଳିକ ସୁବିଧାରୁ ବଞ୍ଚିତ ନ ହେବେ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ନବନିର୍ବାଚିତ ଅଧ୍ୟକ୍ଷା ଓ କାଉନସିଲରମାନେ ସୂଚନା ଦେଇଛନ୍ତି । ଆଜି ଅପରାହ୍ନରେ ଅଧ୍ୟକ୍ଷାଙ୍କ ସମେତ ବିଜେଡିର ସମସ୍ତ କାଉନସିଲର ନଗର ପରିକ୍ରମା କରିବା ସହ ଚନ୍ଦ୍ରଭାଗାସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂ□ରେ ମାଲ୍ୟାର୍ପଣ କରିଲେ । କ୍ରୀଡାମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ସ୍ୱାଧିନ କୁମାର ନାୟକ, ବିଜେଡିର ସାଧାରଣ



ସମ୍ପାଦକ ସତ୍ୟବ୍ରତ ପାତ୍ର, କୋଣାର୍କ ଏନଏସି ବିଜେଡି ସଭାପତି ଗୋପାଳ ଚନ୍ଦ୍ର ବେହେରାଙ୍କ ସମେତ ତୁଙ୍ଗ ନେତାମାନେ ଉପସ୍ଥିତ ଥିଲେ । ବିଜେଡିର ଅଧ୍ୟକ୍ଷା ପ୍ରାର୍ଥିନୀ ସଞ୍ଜୁକ୍ତା ତ୍ରିପାଠୀ, ୱାର୍ଡ଼ ନଂ.୧ର କଂଗ୍ରେସର ପ୍ରାର୍ଥିନୀ ମମତା ଦାସ, ୱାର୍ଡ଼ ନଂ.୨ର ସ୍ୱାଧିନ ପ୍ରାର୍ଥିନୀ ରୀନା ବିଶ୍ୱାଳ (ବିଜୟୀ ହେବାପରେ ବିଜେଡିରେ ଯୋଗଦାନ କରିଥିଲେ), ୱାର୍ଡ଼ ନଂ.୩ର ବିଜେଡି ପ୍ରାର୍ଥୀ ସମୟରଞ୍ଜନ ସାହୁ, ୱାର୍ଡ଼ ନଂ.୪ର ବିଜେଡ଼ି ପ୍ରାର୍ଥି ସୁରେଶ ଚନ୍ଦ୍ର ରାଉତରାୟ, ୱାର୍ଡ଼ ନଂ.୫ର କଂଗ୍ରେସ ପ୍ରାର୍ଥୀ ନିହାର ରଞ୍ଜନ ବେଉରା, ୱାର୍ଡ଼ ନଂ.୬ର ବିଜେଡି ପ୍ରାର୍ଥୀ ବିଶୋମ୍ଭର ବିଶ୍ୱାଳ, ୱାର୍ଡ଼ ନଂ.୭ର କଂଗ୍ରେସ ପ୍ରାର୍ଥୀ କୃଷ୍ଣପ୍ରିୟା ନାୟକ, ୱାର୍ଡ଼ ନଂ.୮ର ବିଜେପି ପ୍ରାର୍ଥୀ ଦିଲ୍ଲୀପ କୁମାର ଦାସ, ୱାର୍ଡ଼ ନଂ.୯ର ବିଜେପି ପ୍ରାର୍ଥୀ ସୌମ୍ୟ ସୌରଭ ଦାଶ, ୱାର୍ଡ଼ ନଂ.୧୦ର ବିଜେଡ଼ି ପ୍ରାର୍ଥିନୀ ସ୍ୱପ୍ନା ଗୋଛାୟତ, ୱାର୍ଡ଼ ନଂ.୧୧ର ବିଜେଡି ପ୍ରାର୍ଥିନୀ ସ୍ୱର୍ଣ୍ଣଲତା ଦାସ, ୱାର୍ଡ଼ ନଂ.୧୨ର ବିଜେଡି ପ୍ରାର୍ଥିନୀ ସୌଦାମିନୀ ମଲ୍ଲିକ, ୱାର୍ଡ଼ ନଂ.୧୩ର ବିଜେଡି ପ୍ରାର୍ଥିନୀ ସୁଭସ୍ମିତା ପାତ୍ର ବିଜୟୀ ହୋଇଛନ୍ତି ।

# ଜିଲ୍ଲା କଂଗ୍ରେସ ତରଫରୁ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ

ରାଉରକେଲା (ପିଏନ୍): ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ମଧ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ପବିତ୍ର ହୋଲି ମହୋତ୍ସବ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସର ବରିଷ୍ଠ ନେତା ଓ କର୍ମକ□ମାନେ ଏକତ୍ରିତ ହୋଇ ପରସ୍ପରକୁ ରଙ୍ଗ ଅବିର ଲଗାଇ ଶୁଭେଚ୍ଛା ଓ ଶୁଭକାମନା ଆଦାନ ପ୍ରଦାନ କରିଥିଲେ । ରଙ୍ଗର ପର୍ବ ହୋଲି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଶିଳ୍ପ ସହର ରାଉରକେଲାର ସମସ୍ତ ଭାଇଭଉଣୀଙ୍କ ମନରେ ରଙ୍ଗ ଭରିଦେବ ବୋଲି ଏହି ଅବସରରେ ଶ୍ରୀ ସେନାପତି ପ୍ରକାଶ କରିଥିଲେ । ଭାଇଚାରାର ସହର ରାଉରକେଲାରେ ଯେପରି ସବୁ ସମ୍ପ୍ରଦାୟର ଲୋକେ ଏହି ମହୋତ୍ସବରେ ଭାଗ ନେଇ ଶାନ୍ତିପୂର୍ଣ୍ଣ ଭାବେ ଏହାକୁ ଉପଭୋଗ କରୁଛନ୍ତି, ତାହା ନିଶ୍ଚିତ ଭାବରେ ଏକ ଅନନ୍ୟ ପରମ୍ପରା ସୃଷ୍ଟି କରିଛି ବୋଲି ଶ୍ରୀ ସେନାପତି କହିଥିଲେ । ଏହି ପରିପ୍ରେକ୍ଷୀରେ ସମସ୍ତଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇ କାର୍ଯ୍ୟକ୍ରମ ସମାପନ କରାଯାଇଥିବା ବେଳେ ଏଥିରେ ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଉପସଭାପତି ସନ୍ତୋଷ ବିଶ୍ୱାଳ, ଲିଗାଲ ସେଲ ଅଧ୍ୟକ୍ଷ ବିସ୍ମୟ ଦାସ, ଏସ୍‌ଟି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦିକା ତୁଳସୀ ନାଗ, ଅନ୍ୟତମ ସାଧାରଣ ସମ୍ପାଦକ ସରୋଜ ଲେଙ୍କା ଓ ଶଙ୍କର ଅଗ୍ରୱାଲ, ସେବାଦଳର ବୁଲୁ ଦାସ, ବ୍ଲକ୍ ସଭାପତି ରଘୁନାଥ ଦାସ, ଜିଲ୍ଲା କଂଗ୍ରେସର ଦିଲ୍ଲୀପ ଜେନା, ଯୁବ କଂଗ୍ରେସ ନେତା ଦିଲ୍ଲୀପ ଲାହିରି, କୁନୁ ସାହୁ, ନାରୀନେତ୍ରୀ ଝୁନୁ ପଟ୍ଟନାୟକ, ମୀନକେତନ ଯତୀ, ବିଶ୍ୱଜିତ ସାହୁ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

# ବିଶ୍ୱଶାନ୍ତି ପାଇଁ ଅହମଦୀୟା ମୁସଲିମ ଯୁବ ସଂଗଠନ ପକ୍ଷରୁ ସାଇକେଲ ଶୋଭାଯାତ୍ରା




ଭୁବନେଶ୍ୱର (ପିଏନ୍): ୟୁନିଟ ୪ ସ୍ଥିତ ଅହମଦୀୟା ମୁସଲିମ ଯୁବ ସଂଗଠନ ତରଫରୁ ବିଶ୍ୱରେ ଭାଇଚାରାର ବାତାବରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏକ ସାଇକେଲ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା । ଏହି ସାଇକେଲ ର୍ୟାଲି ୟୁନିଟ ୪ ମସଜିଦ ହମଦଠାରୁ ଆରମ୍ଭ କରାଯାଇ କମିଶନରେଟ ପୋଲିସ କାର୍ଯ୍ୟାଳୟ, ରାଜଭବନ, ଏ.ଜି ଛକ, ସେକେଟାରୀଏଟ, ରବିନ୍ଦ୍ର ମଣ୍ଡପ, ଚର୍ଚ୍ଚ ଏବଂ କାପିଟାଲ ଜାମା ମସଜିଦ ମାର୍ଗ ଦେଇ ଶୋଭାଯାତ୍ରା କରାଯାଇଥିଲା। ଏଥିରେ ଅହମଦୀୟା ମୁସଲିମ ଯୁବକମାନେ ଶାନ୍ତି ଓ ଭାଇଚାରାର ବାର୍ତା ଧରି ସାଇକେଲ ମାଧ୍ୟମରେ ଲୋକମାନଙ୍କୁ ପ୍ରେମ ସଭିଙ୍କ ପାଇଁ ଘୃଣା କାହାକୁ ନାହିଁ, ସଭିଏ ପଢନ୍ତୁ-ସଭିଏ ବଢନ୍ତୁ, ନାରୀ ସମ୍ମାନ-ବାର୍ତା ମହାନ ଏବଂ ବସୁଧୈବ କୁଟୁମ୍ବକମର ସୁନ୍ଦର ବାର୍ତା ଦେଇଥିଲେ। ଏହି ସାଇକଲ ଶୋଭାଯାତ୍ରାରେ ମୌଲାନା ଫଜଲ ହକ ଖାଁ, ମୌଲାନା ଅବ୍ଦୁଲ ହଲିମ ଖାଁ, ଅହମଦୀୟା ଯୁବ ସଂଗଠନର ସଭାପତି ସମିର ଅହମଦ, ଉପସଭାପତି ସେକ ରମଜାନ, ପୂର୍ବତନ ସଭାପତି ଅହମଦ ସଲାମ ବ୍ୟତୀତ ବହୁ ଯୁବ କର୍ମକର୍ତାମାନେ ଯୋଗ ଦେଇଥିଲେ। ସାମୂହିକ ନୀରବ ପ୍ରାର୍ଥନା ଦ୍ୱାରା ସାଇକେଲ ଶୋଭାଯାତ୍ରା ଆରମ୍ଭ ହୋଇଥିଲା।

# ସବୁ ନାମ ତାଙ୍କରି...



**ଭ**ଗବାନ ଶ୍ରୀ ସତ୍ୟସାଇ ବାବା କହନ୍ତି, 'ମୋର କୌଣସି ନିର୍ଦ୍ଦିଷ୍ଟ ନାମ ନାହିଁ ସେ କେବଳ ସେଇ ନାମରେ ଡାକିଲେ ମୁଁ ଉତ୍ତର ଦେବି। ଯେକୌଣସି ନାମରେ ଡାକିଲେ ମୁଁ ଉତ୍ତର ଦିଏ। ସବୁଯାକ ନାମ ମୋରି, ଅନ୍ୟ ଭାବରେ କହିଲେ ମୋତେ କି ନାମ ଦେବ ତାକୁ ତୁମେ ହିଁ ଠିକ କରିଥାଅ।' କଳି ଯୁଗରେ ଈଶ୍ୱର ଉପଲବ୍ଧିର ସବୁଠାରୁ ଭଲ ମାର୍ଗ ନାମଯୋଗ, ମାତ୍ର ଆଜିକାଲି ଲୋକେ ଏହାକୁ ଗୋଟାଏ ବୃଥା କସରତ କହି ଉପେକ୍ଷା କରୁଛନ୍ତି। ସ୍ୱାମୀ ପଚାରନ୍ତି 'ଶ୍ୱାସ ପ୍ରଶ୍ୱାସ କ'ଣ କେବେ ଗୋଟାଏ ନିରର୍ଥକ କସରତ ହୋଇପାରେ?' ସୋହଂ ବା ସାଇରାମ କିମ୍ବା ଏପରି କୌଣସି ନାମ ଶ୍ୱାସ ପ୍ରଶ୍ୱାସ ପରି ଅଖଣ୍ଡ ଭାବରେ ଉଚ୍ଚାରିତ ହେଉଥିବା ଉଚିତ। ସ୍ୱାମୀ ଘୋଷଣା କରିଛନ୍ତି, 'ନାମ ସ୍ମରଣ ହିଁ ବର୍ତ୍ତମାନ ଯୁଗ ଧର୍ମପଦ୍ଧତି। ମୋର ଅବତାର ଗ୍ରହଣ କରିବାର ଅନ୍ୟତମ ଲକ୍ଷ୍ୟ ହେଲା ଲୋକଙ୍କ ମନରେ ନାମ ପ୍ରତି ବିଶ୍ୱାସ ଜାଗ୍ରତ କରିବା।' ମାତ୍ର ଯେଉଁ ନାମକୁ ନିରନ୍ତର ସ୍ମରଣ ରଖିବାକୁ ଆମେ ବାଛିବା, ତାକୁ ଅବହେଳା ବା ଅବମାନନା କିମ୍ବା ବିକୃତ ନକରିବା ପାଇଁ ସ୍ୱାମୀ ଆମକୁ ସତର୍କ କରି ଦେଇଛନ୍ତି। ନାମ ସ୍ମରଣ ମାର୍ଗରେ ମଧ ଆମକୁ ଅନେକ ଖାଲ, ଢିପ ଆଡ଼େଇ ଆଗକୁ ଯିବାକୁ ହେବ। ଆମେ ଏ ସାଧନାରେ ରତ ଥିଲାବେଳେ ଅନ୍ୟ କୌଣସି ନାମର ସାଧକଙ୍କୁ ତୁଚ୍ଛ ଭାବ ଦେଖାଇବାକୁ ହେବନାହିଁ। ଅନ୍ୟ ନାମ ଗ୍ରହଣ କରିଥିବା ସାଧକଙ୍କ ମଧ୍ୟରେ ବିବାଦ ସୃଷ୍ଟି କରିବାକୁ ହେବ ନାହିଁ। ଯେଉଁମାନେ ଆମକୁ ଏ ସାଧନା ଗ୍ରହଣ କରିବାକୁ ପ୍ରବର୍ତ୍ତାଇଛନ୍ତି ଅନୁପ୍ରାଣିତ କରିଛନ୍ତି, ସେମାନଙ୍କୁ ଅସମ୍ମାନ କରିବା ନିଷେଧ। ଶାସ୍ତ୍ର ଓ ପୁରାଣ ଗୁଡ଼ିକୁ ହତାଦାର କରିବା ଏକାନ୍ତ ଅନୁଚିତ। ନାମ ସ୍ମରଣ ଓ ନାମ କୀର୍ତ୍ତନ, ପବିତ୍ର ବାତାବରଣରେ କରିବାକୁ ହେବ। ଅନ୍ୟ ନାମକୁ ନ୍ୟୁନ ବିଚାରିବାର ପ୍ରଲୋଭନକୁ ସର୍ବତୋ ଭାବେ ବର୍ଜନ କରିବା ପରି ଏ ନାମକୁ ବି ଯଥେଚ୍ଛା ବ୍ୟବହାର କରି ଏହାର ମୂଲ୍ୟ ହ୍ରାସ କରିବା ସମ୍ପର୍କରେ ଆମକୁ ଯଥେଷ୍ଟ ସତର୍କ ରହିବାକୁ ପଡ଼ିବ। ପବିତ୍ର ନାମ ସ୍ମରଣ ସହ, ଦୁର୍ଭାବନା, ଦୁର୍ଭାଷା ଓ ଦୁଷ୍କର୍ମ ସାମଞ୍ଜସ୍ୟ ରଖେ ନାହିଁ। ଆମକୁ ଭାବିବାକୁ ହେବ ନାହିଁ ଯେ ନାମଟି ଆମର ବ୍ୟକ୍ତିଗତ ସମ୍ପତ୍ତି। ଆମକୁ ଆମର ସାଧନା ଓ ସିଦ୍ଧିକୁ ପ୍ରଦର୍ଶନ କରିବା ଠାରୁ ସର୍ବଦା ଦୂରେଇ ରହିବାକୁ ପଡ଼ିବ। ଉପରୋକ୍ତ ପ୍ରମାଦରୁ ମୁକ୍ତ ହୋଇ ନାମ ସାଧନା ସ୍ୱାଭାବିକ ଭାବରେ ଅନ୍ତରରେ ପ୍ରତିଷ୍ଠିତ ହେବା ଦରକାର। ଏହା ଅଖଣ୍ଡ ଓ ବିନା ବାଧାରେ ଚାଲିବା ଦରକାର। ହରିଙ୍କ ପାଇଁ ଆକୁଳତା ବିରହ ବେଦନାରେ ପରିଣତ ହେଲେ ଯାଇ ପୂର୍ଣ୍ଣ ଶାନ୍ତି ମିଳିବା ସମ୍ଭବ। ବାଙ୍ଗାଲୋରରେ ଚବିଶ ଘଣ୍ଟା ଅଖଣ୍ଡ ନାମ କୀର୍ତ୍ତନ କରିଥିବା ଦଳେ ଭକ୍ତଙ୍କୁ ବାବା କହିଥିଲେ, ନାମ ସ୍ମରଣ ହିଁ ଯଥେଷ୍ଟ। ତ୍ରେତା ଯୁଗର ନାମ ଥିଲା ସୀତାରାମ। ଦ୍ୱାପର ଯୁଗର ନାମ, ରାଧେଶ୍ୟାମ। ଆଉ କଳି ଯୁଗରେ ସବୁ ନାମ ସମାନ ଭାବରେ ସମର୍ଥ।

**ଭବାଶିଷ ଦାସ**, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ପ୍ଲଟ ନଂ - ୧୪୫୦, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୯୮୬୧୧୧୮୬୭୩




# ଅଧାପନ୍ତରିଆ ସ୍ୱିରେଜ୍ ପ୍ଲାଣ୍ଟ ପ୍ରକଳ୍ପ ହସ୍ତାନ୍ତରକୁ କଂଗ୍ରେସର ବିରୋଧ

ରାଉରକେଲା (ପିଏନ୍): ଗତ ୫ ବର୍ଷରୁ ଅଧିକ ସମୟ ଧରି ରାଉରକେଲା ମହାନଗର ନିଗମ ଅ□ଳରେ ଚାଲିଥିବା ସ୍ୱିରେଜ୍ ପ୍ଲାଣ୍ଟ ପ୍ରକଳ୍ପ ନିର୍ମାଣ ଚାଲିଛି ଯେ ସରିବାର ନାଁ ଧରୁନାହିଁ । ଯଦିଓ ପ୍ରାୟ ଗତ ବର୍ଷକ ତଳେ ଏହି ଅଧୁରା ପ୍ରକଳ୍ପକୁ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ କରାଯାଇଥିଲା ତଥାପି ଅଦ୍ୟାବଧି ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ନାହିଁ । ଅପରପକ୍ଷରେ ଏହି ପ୍ରକଳ୍ପର ଠିକା ନେଇଥିବା ଏଲ୍ଆଣ୍ଡଟି କମ୍ପାନୀ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା କହି ସ୍ୱିରେଜ୍ ବୋର୍ଡ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବା ପାଇଁ ଆବଶ୍ୟକୀୟ କାଗଜପତ୍ର ପ୍ରସ୍ତୁତ କରିଥିବା ବେଳେ ସ୍ୱିରେଜ୍ ବୋର୍ଡ କର୍ତ୍ତୃପକ୍ଷ ମଧ୍ୟ ଉକ୍ତ ପ୍ରକଳ୍ପର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଏଲ୍ଆଣ୍ଡଟି କମ୍ପାନୀର ଅପରେସନ ଓ ମେଣ୍ଟେନାନ୍ସ ୱିଙ୍ଗକୁ ହସ୍ତାନ୍ତର ପାଇଁ ଆବଶ୍ୟକ ପ୍ରସ୍ତୁତି ଚଳାଇଛି ବୋଲି ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାନସଭା ପ୍ରାର୍ଥୀ ବିରେନ ସେନାପତି ଅଭିଯୋଗ କରିଛନ୍ତି । ଶ୍ରୀ ସେନାପତି କହିଛନ୍ତି ଯେ, ପ୍ରାୟ ସାଢେ ୩୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଗତ ୨୦୧୭ ମସିହାରେ ଆରମ୍ଭ କରାଯାଇଥିବା ଏହି ସ୍ୱିରେଜ୍ ପ୍ରକଳ୍ପର ଅଦ୍ୟାବଧି ୩ଟି ପମ୍ପିଂ ହାଉସ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଯେଉଁ ଗୋଟିଏ ପମ୍ପିଂ ହାଉସର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି, ସେଥିରେ ଲାଗିଥିବା ୮ଟି ମୋଟର ମଧ୍ୟରୁ ମାତ୍ର ଗୋଟିଏ ମୋଟର ଚାଲୁଛି । ରାଉରକେଲା ମ୍ୟୁନିସିପାଲ କଲେଜ ପାଖ, ଟିସ୍କୋ ଓ ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ ଦୁର୍ଗାପୁର ପାହାଡ ପାଖ ପମ୍ପିଂ ହାଉସ୍ କାର୍ଯ୍ୟକ୍ଷମ ହେଲେ ଏହି ୩ଟି ପମ୍ପିଂ ହାଉସର ମଇଳା ଜଳ ପାନପୋଷ ସରକାରୀ ମହାବିଦ୍ୟାଳୟ ନିକଟରେ ଥିବା ମୁଖ୍ୟ ପମ୍ପିଂ ହାଉସରେ ପହ□ିବ । ତେବେ ଏହି ୩ଟି ପମ୍ପିଂ ହାଉସର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଣି କମିଶନିଂ ହୋଇନଥିବା ବେଳେ କିପରି ସେଗୁଡିକୁ ହସ୍ତା'ର କରିବା ପାଇଁ ଆବଶ୍ୟକୀୟ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଶ୍ରୀ ସେନାପତି ସ୍ୱିରେଜ୍ ବୋର୍ଡର କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଛିଁ । ଗତକାଲି ଶ୍ରୀ ସେନାପତିଙ୍କ ସହିତ କଂଗ୍ରେସର ଏକ ଟିମ୍ ସ୍ୱିରେଜ୍ ବୋର୍ଡର ସ୍ଥାନୀୟ ପ୍ରକଳ୍ପ ଯନ୍ତ୍ରୀଙ୍କୁ ସାକ୍ଷାତ କରି ଏହି ହସ୍ତା'ର ପ୍ରକ୍ରିୟାକୁ ବିରୋଧ କରିବା ସହିତ ବିଭିନ୍ନ ଅ□ଳରେ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇନଥିବା ପାଇପ୍ ବିଛା କାର୍ଯ୍ୟ ଓ ରାସ୍ତା ନିର୍ମାଣ କାର୍ଯ୍ୟକୁ ତୁର' ସମ୍ପୂର୍ଣ୍ଣ କରିବାକୁ ଦାବି କରିଥିଲେ । ଜେଲ୍ ରୋଡ୍, ବାସ'୍ ପାଣି ଟାଙ୍କି ରୋଡ୍, ପାନପୋଷ ବସ୍ତି ରୋଡ୍, ବାଲୁଘାଟ ପଲପଲ ବସ୍ତି ରୋଡ୍ ଇତ୍ୟାଦି ଅନେକ ସ୍ଥାନରେ ଅଦ୍ୟାବଧି ରାସ୍ତା ନିର୍ମାଣ ହୋଇନଥିବା ବେଳେ ଅନକେ ସ୍ଥାନରେ ନିର୍ମିତ ରାସ୍ତା ଦବିଯାଉଥିବାରୁ ସେସବୁର ଆବଶ୍ୟକୀୟ ନିର୍ମାଣ ପାଇଁ ଦାବି କରିଥିଲେ । ବର୍ତ୍ତମାନ ସୁଦ୍ଧା କେବଳ ୭/୮ ଅ□ଳର କିଛି ଘରକୁ ସ୍ୱିରେଜ୍ ପାଇପ୍ ଲାଇନ ସହିତ ସଂଯୋଗ କରାଯାଇଥିବା ବେଳେ ସହରର ଅନ୍ୟ ଅ□ଳରେ କୌଣସି ଗୋଟିଏ ହେଲେ ଘରକୁ ସ୍ୱିରେଜ୍ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇ ନାହିଁ । କୋଏଲ ବ୍ୟାଙ୍କ ଭଳି ଅ□ଳରେ ଚାମ୍ବର ନିର୍ମାଣ ପାଇଁ ରାସ୍ତା ମଝିରେ ଗାଡା ଖୋଳି ଛାଡି ଦିଆଯାଇଛି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏ ପର୍ଯ୍ୟ' ମେନ୍ ହୋଲ ଚାମ୍ବର ଗୁଡିକୁ ରାସ୍ତା ସହିତ ସମତଳ କରାଯାଉ ନାହିଁ । ଛେଣ୍ଡର ବ୍ୟାଙ୍କ କଲୋନୀ ଓ ବାଗୁଡି ବସ୍ତିରେ ଅଳ୍ପ କିଛି ପାଇପ୍ ବିଛା କାର୍ଯ୍ୟ ହୋଇଥିବା ବେଳେ ଏ ପର୍ଯ୍ୟ' ତାହାକୁ ଛେଣ୍ଡର ମୁଖ୍ୟ ପାଇପ୍ ଲାଇନ୍ ସହିତ ସଂଯୋଗ କରାଯାଇ ନାହିଁ । ଅପରପକ୍ଷରେ ଏ ବାବଦରେ ମିଥ୍ୟା ବିଲ୍ କରି ଟଙ୍କା ଆତ୍ମସାତ କରାଯାଇଥିବା ଅଭିଯୋଗ ହେଉଥିବାରୁ ଏହାର ତଦ' ପାଇଁ ଶ୍ରୀ ସେନାପତି ଦାବି କରିଛିଁ । ଗତ ପ୍ରାୟ ୨ ବର୍ଷ ହେଲା ଏଲ୍ଆଣ୍ଡଟି କମ୍ପାନୀ କର୍ତ୍ତୃପକ୍ଷ ୭/୮ ଅ□ଳରେ ଥିବା ତାଙ୍କ ଭଡାଘର ଅଫିସ୍ ଓ ଗେଷ୍ଟ ହାଉସ୍ ଛାଡିଦେଇ ବାଲୁଘାଟ ଠାରେ ସ୍ୱିରେଜ୍ ବୋର୍ଡ ନିର୍ମିତ ପ୍ରକଳ୍ପ କୋଠାଘରେ ଅଫିସ୍ କାର୍ଯ୍ୟ କରିବା ସହିତ ଏହାର ୨ଟି କୋଠାକୁ ଗେଷ୍ଟ ହାଉସ୍ ଭାବେ ବ୍ୟବହାର କରୁଛିଁ । ଆଶ୍ଚର୍ଯ୍ୟଜନକ ଭାବେ ଏଲ୍ଆଣ୍ଡଟି କମ୍ପାନୀର ଏହି ଅଫିସ୍ ଓ ଗେଷ୍ଟ ହାଉସ୍ ପାଇଁ ବ୍ୟବହୃତ ହେଉଥିବା ବିଜୁଳି ଓ ପାଣିର ଶୁଳ୍କ ମାସିକ ଲକ୍ଷାଧିକ ଟଙ୍କା ସ୍ୱିରେଜ୍ ବୋର୍ଡ କର୍ତ୍ତୃପକ୍ଷ ଭରଣା କରୁଛିଁ । ଏଲ୍ଆଣ୍ଡଟି କମ୍ପାନୀର ଘରଭଡା ଓ ପାଣି ଏବଂ ବିଜୁଳି ବାବଦକୁ ଲକ୍ଷ ଲକ୍ଷ ଟଙ୍କା ମୁନାଫା ପାଉଥିବା ବେଳେ ସ୍ୱିରେଜ୍ ବୋର୍ଡ କର୍ତ୍ତୃପକ୍ଷ କେଉଁ ସ୍ୱାର୍ଥରେ ଏଲ୍ଆଣ୍ଡଟିକୁ ନିଜର କୋଠା ମାଗଣା ଦେବା ସହିତ ପାଣି ଓ ବିଜୁଳି ବିନା ମୂଲ୍ୟରେ ଯୋଗାଇ ଦେଉଛି ତାହା ତଦ' କରିବା ପାଇଁ ଶ୍ରୀ ସେନାପତି ଦାବି କରିଛିଁ । ସ୍ୱିରେଜ୍ ବୋର୍ଡ ଅଫିସର ଯାବତୀୟ ଖର୍ଚ୍ଚ କମ୍ପାନୀ କର୍ତ୍ତୃପକ୍ଷ ବୁଝୁଥିବାର ଅଭିଯୋଗ ହେଉଛି, ଯାହାକି ତଦ' ସାପେକ୍ଷ । ସ୍ଥାନୀୟ ସ୍ୱିରେଜ୍ ବୋର୍ଡ ପ୍ରକଳ୍ପ କର୍ତ୍ତୃପକ୍ଷ ସମସ୍ତ ନୀତିନିୟମକୁ ଜଳାଳି ଦେଇ ନିଜ ସ୍ୱାର୍ଥରକ୍ଷା ପାଇଁ ଏଲ୍ଆଣ୍ଡଟି କମ୍ପାନୀକୁ ସମସ୍ତ ପ୍ରକାର ଫାଇଦା ଯୋଗାଇ ଦେବା ସହିତ ସରକାରୀ ରାଜସ୍ୱକୁ ବିଶେଷ କ୍ଷତି ପହ□ାଉଛିଁ ବୋଲି ଶ୍ରୀ ସୋପତି ଅଭିଯୋଗ କରି ଏ ସମସ୍ତ ଘଟଣାର ଭିଜିଲାନ୍ସ ତଦ' କରିବା ଆବଶ୍ୟକ ବୋଲି କହିଛିଁ । ତେବେ କୌଣସି ପରିସ୍ଥିତିରେ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ଭାବେ କାର୍ଯ୍ୟକ୍ଷମ ନ ହେବା ପର୍ଯ୍ୟ' ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ଏଲ୍ଆଣ୍ଡଟି କମ୍ପାନୀକୁ ହସ୍ତା'ର ନ କରିବାକୁ ଶ୍ରୀ ସେନାପତି ବିରୋଧ କରିବା ସହିତ ଏଥିରେ ବ୍ୟତିକ୍ରମ ହେଲେ ବୋର୍ଡ କର୍ତ୍ତୃପକ୍ଷ ପରିଣାମ ପାଇଁ ଦାୟୀ ରହିବେ ବୋଲି ଚେତାଇ ଦେଇଛିଁ । ଶ୍ରୀ ସେନାପତିଙ୍କ ସମେତ କଂଗ୍ରେସର ଏହି ଟିମ୍‌ରେ କଂଗ୍ରେସ ଉପସଭାପତି କୀର୍ତ୍ତନ ଦାସ, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ, ଜିଲ୍ଲା କଂଗ୍ରେସ କାର୍ଯ୍ୟନିର୍ବାହୀ ସଦସ୍ୟ ମହମ୍ମଦ ମୁର, ବ୍ଲକ୍ କଂଗ୍ରେସ ସାଧାରଣ ସମ୍ପାଦକ ମହମ୍ମଦ ସବୀର, ସେବାଦଳର ସାରଦା ପ୍ରସନ୍ନ ଦାସ, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ବୋଲି ଏକ ପ୍ରେସ୍ ବିବୃତିରେ ଶ୍ରୀ ସେନାପତି ଜଣାଇଛନ୍ତି ।

# ଗଧ ବେପାର କରି ଉପାଧ୍ୟକ୍ଷ ପଦ ହାତେଇଲେ ବାପି ସାର୍ଖେଲ



ପାରାଦୀପ (ପିଏନ୍)- ଗୁରୁବାର ଦିନ ପାରାଦୀପ ପୌର ପରିଷଦ ଉପାଧ୍ୟକ୍ଷ ନିମନ୍ତେ ମତଦାନ ହୋଇଥିଲା । ଏହି ନିର୍ବାଚନରେ ବାପି ସାର୍ଖେଲଙ୍କ ଆମ ପାରାଦୀପ ଆମ ପ୍ରଗତିରୁ ଉପାଧ୍ୟକ୍ଷ ନିମନ୍ତେ ଛବିଲତା ରାଉତ ଓ ବିଜେଡିରୁ ପୂର୍ବତନ ପୌର ଉପାଧ୍ୟକ୍ଷ ପ୍ରଭାତି ନାୟକ ପ୍ରାର୍ଥୀ ହୋଇଥିଲେ । ହେଲେ ଗଧ ବେପାର କରି ବାପି ସାର୍ଖେଲ ବିଜେଡିରୁ ଜଣେ ପାରିଷଦଙ୍କୁ କିଣି ନିଜ ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇଥିବା ନେଇ ଅଭିଯୋଗ କରିଛନ୍ତି ବିଜେପି ନେତା ସମ୍ପଦ ସ୍ୱାଇଁ । ଗୁରୁବାର ଦିନ ପୌର ଉପାଧ୍ୟକ୍ଷ ନିର୍ବାଚନ ସରିବା ପରେ ସମ୍ପଦ ମଧୁବନସ୍ଥିତ ଆମ୍ବେଦକର ଭବନରେ ଏକ ସାମ୍ବାଦିକ ସମ୍ମିଳନୀ ଡକାଇଥିଲେ । ପୌର ନିର୍ବାଚନରେ ବାପି ସାର୍ଖେଲଙ୍କ ସମର୍ଥିତ ୮ ଜଣ, ବିଜେଡିରୁ ୭ଜଣ, କଂଗ୍ରେସ୍ ରୁ ଜଣେ ଓ ବିଜେପିରୁ ୩ଜଣ ପାରିଷଦ ନିର୍ବାଚିତ ହୋଇଥିଲେ । ଗୁରୁବାର ଦିନ ପ୍ରାର୍ଥୀପତ୍ର ଦାଖଲ ପରେ ଆରମ୍ଭ ହୋଇଥିଲା ଭୋଟ ଗ୍ରହଣ । ଏହି ସମୟରେ ସମ୍ପଦ ଏକ ବାଉନସର୍ ବଲ୍ ପକାଇଥିଲେ ଭୋଟ ଗ୍ରହଣ ରେ ଆମ ପାରାଦୀପ ଆମ ପ୍ରଗତି ଓ ବିଜେଡି ପାରିଷଦମାନେ ଭୋଟ ଦେବା ପରେ ବିଜେପିର ପାରିଷଦମାନେ ଭୋଟ ନ ଦେଇ ଭୋଟରୁ ବିରତ ରହିଥିଲେ । ୧୬ ଜଣ ଭୋଟ ଦେଇ ସାରିବା ପରେ ଜଣେ ବିଜେଡି ପାରିଷଦ ବାପିଙ୍କ ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଇ ଦେଇଥିଲେ । ଫଳରେ ବିଜେପି ନେତା ସମ୍ପଦ ପକାଇଥିବା ବଲ୍ ରେ ଧରା ପଡିଯାଇଥିଲେ ସାର୍ଖେଲ । ସେ ଜଣେ ଭଲ ଡିଲ୍ ମାଷ୍ଟର ବୋଲି ଅଭିଯୋଗ କରି ସମ୍ପଦ କହିଥିଲେ ବିଜେଡି ସହିତ ଆମର ଡିଲ୍ କଥା କହିଥିବା ବାପି ସାର୍ଖେଲ ନିଜେ ବିଜେଡିର ବି ଟିମ୍ ଏହାକୁ ବାପି ନିଜେ ପ୍ରମାଣିତ କରି ଦେଇଛନ୍ତି । ଭାରତୀୟ ଜନତା ପାର୍ଟି ପାରାଦୀପବାସୀଙ୍କ ଉନ୍ନତି ନିମେ' ମୁଖ୍ୟ ବିରୋଧୀ ଦଳର ଭୂମିକା ପୌରପାଳିକାରେ ନିଭାଇବ । ଆମେ କେବେ କୌଣସି ଡିଲ୍ ରେ ନଥିଲୁ ଆମ ବିରୁଦ୍ଧରେ ଡିଲ୍ କଥା କହି ପାରାଦୀପବାସୀଙ୍କୁ ବିଭ୍ରା' କରୁଥିବା ବାପି ସାର୍ଖେଲ ଜଣେ ମିଛୁଆ ଓ ଡିଲ୍ ମାଷ୍ଟର ବୋଲି ପ୍ରମାଣିତ ହୋଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଜଗତସିଂହପୁରର ପୂର୍ବତନ ସାଂସଦ ବିଭୂ ପ୍ରସାଦ ତରାଇ, ବିଜେପିର ଦୁଇ ପାରିଷଦ ପ୍ରତାପ କୁମାର ନାୟକ ଓ ସୁବ୍ରତ କୁମାର ପ୍ରଧାନ ଉପସ୍ଥିତ ଥିଲେ ।

## ଧର୍ମପରାୟଣା ମହିଳା ବୀଣାପାଣି ତ୍ରିପାଠୀଙ୍କ ସ୍ମୃତିଚାରଣ

ଖୋର୍ଦ୍ଧା (ପିଏନ୍): ସମାଜସେବୀ ତଥା ଧର୍ମପରାୟଣା ମହିଳା ସ୍ୱର୍ଗତ ବୀଣାପାଣି ତ୍ରିପାଠୀଙ୍କ ଦଶାହ ଉପଲକ୍ଷେ ଏକ ଶ୍ରଦ୍ଧାଂଜଳି ସଭା ସ୍ଥାନୀୟ ପାର୍ବତୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଖୋର୍ଦ୍ଧା କୃଷକ ଉତ୍ପାଦକ ସଂଘ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ମିହିର କୁମାର ବିଧାର, ବୀଣାପାଣିଙ୍କ ସହପାଠୀ ଧରଣୀ ମହାରଣା, ଚୁନିମଣି ଖଣ୍ଡାୟତରାୟ, ହରିବନ୍ଧୁ ମହାରଣା, ପୁଷ୍ପାଂଜଳି ଛୋଟରାୟ, କୁନିଲତା ବଳିଆରସିଂହ, ପ୍ରଭାସିନୀ ରଥ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ତ୍ରିପାଠୀଙ୍କ ବହୁମୁଖୀ ପ୍ରତିଭା, ତ୍ୟାଗ, ନିଷ୍ଠା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ ।

# ଆଂଚଳିକ ବରିଷ୍ଠ ନାଗରିକ ମଂଚର ନୂତନ ଗୃହ ପୂଜନ ଉତ୍ସବ ପାଳିତ





ଚଣ୍ଡିଖୋଲ (ପି.ଏନ୍)-ଆଂଚଳିକ ବରିଷ୍ଠ ନାଗରୀକ ମଂଚ ଚଣ୍ଡିଖୋଲର ଏକ ନୂତନ କାର୍ଯ୍ୟାଳୟ ଗୃହର ପୂଜନ ଉତ୍ସବ ପାଳିତ ହୋଇଯାଇଛି। ପୂଜନ ଉତ୍ସବରେ କର୍ତ୍ତା ଭାବେ ସନ୍ତୋଷ କୁମାର ବିଶ୍ୱାଳ ଦାୟିତ୍ୱ ବହନ କରିଥିଲେ। ପୂଜକ ଭାବେ ପଣ୍ଡିତ୍ ବିଜୟ କୁମାର କର ଯୋଗଦେଇ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ ଓ ବରିଷ୍ଠ ନାଗରିକମାନଙ୍କୁ ଆଶିର୍ବାଦ କରିଥିଲେ। ପୂଜନ କାର୍ଯ୍ୟ ପରେ ଆଂଚଳିକ ବରିଷ୍ଠ ନାଗରୀକ ମଂଚର ସଭାପତି ଶେଷଦେବ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂପାଦକ ହେମନ୍ତ କୁମାର ସାମଲ ପୂର୍ବ ବୈଠକର ବିବରଣୀ ପଠନ ପରେ ନୂତନ ଗୃହରେ ସମୁଦାୟ ଖର୍ଚ୍ଚର ହିସାବ ପ୍ରକାଶ କରିଥିଲେ। କୋଷାଧ୍ୟକ୍ଷ ଚିତରଂଜନ ମହାପାତ୍ର ବରିଷ୍ଠ ନାଗରିକମାନଙ୍କୁ କିପରି ସହାୟତା କରାଯାଇପାରିବ ଓ ତାଙ୍କ ପାଇଁ ସରକାରଙ୍କ ପକ୍ଷରୁ ବରିଷ୍ଠ ନାଗରିକ କାର୍ଡ଼ ବଂଟନ ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଷିରୋଦ ମାହାଲା, ଦୁଃଖିଶ୍ୟାମ ସାହୁ, କୃଷ୍ଣଚନ୍ଦ୍ର ଜେନା, ପ୍ରାକ୍ତନ ପଂଚାୟତ ସମିତି ଅଧ୍ୟକ୍ଷ ନାରାୟଣ ସାହୁ, ଶିକ୍ଷାବିତ୍ ବ୍ରହ୍ମାନନ୍ଦ ଦାଶ, ଶରତ ଚନ୍ଦ୍ର ଜେନା, ଲକ୍ଷ୍ମୀଧର ସାହାଣୀ, ଈଶ୍ୱର ଚନ୍ଦ୍ର ସାମଲ, ସଙ୍କର୍ଷଣ ସାହୁ, ଶାରଦା ପ୍ରସାଦ ମହାନ୍ତି, ହର୍ଷବର୍ଦ୍ଧନ ଜେନା, ବସନ୍ତ ନାୟକ, ଧୃବାନନ୍ଦ ବଳ, ବସନ୍ତ କୁମାର ବିଶ୍ୱାଳ, ଉଦୟ ନାଥ ନାୟକ, ପୂର୍ଣ୍ଣଚନ୍ଦ୍ର ସାହାଣୀ, ସେକ୍ କରାମତ ଉଲ୍ଲା, ଶିବରାମ ସାହୁ, ଦୀନବନ୍ଧୁ ବେହେରା, ଉତମ ରଣା, ବୈକୁଣ୍ଠ ସାମନ୍ତରାୟ, ରାହାସ ବିହାରୀ ଜେନା, ବିଜୟ କୁମାର ଜେନା, ଧୃବାନନ୍ଦ ରାଉତ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟାଳୟର ନୂତନ ଗୃହ ନିର୍ମାଣ ପାଇଁ ଯେଉଁ ବେସରକାରୀ ଅନୁଷ୍ଠାନ ପକ୍ଷରୁ ଯେଭଳି ଭାବେ ଅନୁଦାନ ପ୍ରଦାନ କରିଛନ୍ତି ସେମାନଙ୍କୁ ବରିଷ୍ଠ ନାଗରୀକ ମଂଚ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ଆବଶ୍ୟକୀୟ ଅନୁଯାୟୀ ସେଠାରେ ଆସନ୍ତା ବର୍ଷା ଋତୁରେ କିଭଳି ଭାବେ ବୃକ୍ଷ ରୋପଣ କରାଯାଇ ସୌନ୍ଦର୍ଯ୍ୟ କରଣ କରାଯିବ ଓ ପାଚେରୀ ନିର୍ମାଣ କରାଯାଇ ପାରିବ ସେ ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଦୁଇ ବର୍ଷ ଧରି କରୋନାରେ ଯେଉଁ ବରିଷ୍ଠ ନାଗରୀକମାନେ ମୃତ୍ୟୁ ବରଣ କରିଛନ୍ତି ସେନେଇ ବରିଷ୍ଠ ନାଗରୀକମାନେ ୨ ମିନିଟ୍ ନୀରବ ପ୍ରାର୍ଥନା କରି ତାଙ୍କର ଅମର ଆତ୍ମାର ସଦଗତି ପାଇଁ ପ୍ରଭୂ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

# ବିଶ୍ୱାମିତ୍ର ସେବାଟ୍ରଷ୍ଟର ଭାଷା ସୁରକ୍ଷା ଅଭିଯାନ

ଖୋର୍ଦ୍ଧା (ପିଏନ୍)- ଖୋର୍ଦ୍ଧା ମୁକୁନ୍ଦପ୍ରସାଦ ପ୍ରାଣନାଥ ମହାବିଦ୍ୟାଳୟ ମାର୍ଗ ସଂଲଗ୍ନ ବିଶ୍ୱାମିତ୍ର ସେବାଟ୍ରଷ୍ଟ ପକ୍ଷରୁ ଓଡ଼ିଶା ଦିବସ ପାଳନ ଅବସରରେ ଭାଷା ସୁରକ୍ଷା ନେଇ ଓଡ଼ିଆମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ଏକ ଆଲୋଚନାଚକ୍ର ହେବା ସହିତ ବିଶିଷ୍ଟ ସାହିତ୍ୟିକ, ଭାଷାବିତ୍ ଓ ପରିବେଶବିତ୍ ରାଜକିଶୋର ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ଆମରି ସତ୍ୟର ପ୍ରତିଷ୍ଠାତା ବେଗୁନିଆ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ଼.ପ୍ରମୋଦ ଚନ୍ଦ୍ର ଦାଶ ଯୋଗଦେଇ ଉତ୍କଳ ସମ୍ମିଳନୀ ଗଠନଠାରୁ ୧୯୩୬ ଏପ୍ରିଲ ପହିଲା ସ୍ୱତନ୍ତ୍ର ପ୍ରଦେଶ ଗଠନ ହେବା ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟ ଉପରେ ଆଲୋକପାତ କରି ମଧୁବାବୁ ଓ କୃଷ୍ଣଚନ୍ଦ୍ର ଗଜପତିଙ୍କ ଅବଦାନ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ। ବିଶ୍ୱାମିତ୍ର ସେବାଟ୍ରଷ୍ଟର ଅଧ୍ୟକ୍ଷ ରାମଶଙ୍କର ଭାଷା ସୁରକ୍ଷା ପାଇଁ ପ୍ରତ୍ୟେକ ଓଡ଼ିଆ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଭୀମସେନ ପ୍ରଧାନ, ସାହିତ୍ୟିକ ରାଜକିଶୋର ପାଣିଗ୍ରାହୀ, ଉତ୍କଳ ସମ୍ମିଳନୀ ଜିଲ୍ଲା ସଭାପତି ବିଚିତ୍ର କୁମାର ବଡ଼ଜେନା, ଖୋର୍ଦ୍ଧା ସାହିତ୍ୟ ସଂସଦ ସଭାପତି ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ରାଜଧାନୀ ଆଇନ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ଼. ବୃନ୍ଦାବନ ପଣ୍ଡା, ମିଳିତ ନିଶା ନିବାରଣ ସମିତିର ରାଜ୍ୟ ସଂପାଦକ ଅର୍ଜୁନ ଚରଣ ସାମନ୍ତରାୟ ପ୍ରମୁଖ ବିବାହ ବ୍ରତ, ନିମନ୍ତ୍ରଣ ପତ୍ର ଓଡ଼ିଆରେ ଲେଖିବା, ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଓଡ଼ିଆ ଭାଷାକୁ ଗୁରୁତ୍ୱ ଦେବା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ବାର କାଉନସିଲ ସଭାପତି ଶିଶିର କୁମାର ପରିଡ଼ା ଓ କଳିଙ୍ଗ ପାଇକ ସଂଗଠନର ସାଧାରଣ ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ 'ମୋ ବସ' ଇଂରାଜୀରେ ଲେଖାହୋଇଥିବାରୁ ଏପରିକି ବିଜେବି ହାଇସ୍କୁଲ ନିକଟ ପାର୍କଠାରେ ଆଇ ଲଭ ଖୋର୍ଦ୍ଧା ଏବଂ ଖୋର୍ଦ୍ଧା ଟାଉନ ହଲ ଇଂରାଜୀରେ ଲେଖାହୋଇଥିବାରୁ ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରାବନ୍ଧିକ ବୈକୁଣ୍ଠ ନାଥ ରାଜଗୁରୁ କବି ଗୋବିନ୍ଦ ଚନ୍ଦ୍ର ମହାରଣା, ପ୍ରାଧ୍ୟାପକ ସନ୍ତୋଷ କୁମାର ନାୟକ, ବୈକୁଣ୍ଠନାଥ ମହାପାତ୍ର, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟ ସମ୍ପାଦକ ସୁଧୀର କୁମାର ମାନସିଂହ, ସୌଭାଗ୍ୟ କୁମାର କର, କୈଳାସ ଚନ୍ଦ୍ର ପୃଷ୍ଟି, ଆଡ଼ଭୋକେଟ୍ ବସନ୍ତ କୁମାର ଦାଶ, ସୁହାସିନୀ ମିଶ୍ର, ସମରଜିତ ପଟ୍ଟନାୟକ, ରମେଶ ଚନ୍ଦ୍ର ପ୍ରଧାନ, ବିରଂଚି ନାରାୟଣ ସାହୁ, ସୁରେନ୍ଦ୍ର କୁମାର ବେହେରା, ଟ୍ରଷ୍ଟ ଅଧ୍ୟକ୍ଷ ରାମଶଙ୍କର ଧନ୍ୟବାଦ ଦେଇଥିଲେ।

## ବ୍ରହ୍ମାକୁମାରୀ ପରିସରରେ ରାଜଯୋଗିନୀ ଦାଦି ଜାନକୀଙ୍କ ୨ୟ ସ୍ମୃତି ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ଦାଦି ଜାନକୀ ବିଶ୍ୱ କଲ୍ୟାଣ ପାଇଁ ଈଶ୍ୱରୀୟ ସେବାରେ ନିଜ ଜୀବନକୁ ସମର୍ପିତ କରି ୧୦୪ ବର୍ଷ ବୟସରେ ଦେହତ୍ୟାଗ କରିଥିଲେ। ତାଙ୍କ ୨ୟ ଶ୍ରାଦ୍ଧ ଦିବସ ଉପଲକ୍ଷେ କେନ୍ଦ୍ରାପଡା ସହରର ସୁନାଇଲୋସ୍ଥିତ ଜ୍ଞାନଜ୍ୟୋତି ଭବନରେ ସେବାକେନ୍ଦ୍ରର ମୁଖ୍ୟ ସ□ାଳିକା ବ୍ରହ୍ମାକୁମାରୀ ସ୍ନେହ ଶ୍ରଦ୍ଧା ସୁମନ ଅର୍ପଣ କରିଛନ୍ତି। ସେବାକେନ୍ଦ୍ରର ସମର୍ପିତ ଭଉଣୀ ବ୍ରହ୍ମାକୁମାରୀ ସୁଚିତ୍ରା, ସୁମିତ୍ରା, ଅନ୍ୟ ବରିଷ୍ଠ ଗୋପେଶ୍ୱର ଭାଇ, ସଂଗ୍ରାମ ଭାଇ, ଦୈତାରୀ ଭାଇ, ବାବୁ ଭାଇ, ରବି ଭାଇ, ବିଶ୍ୱରଞ୍ଜନ ଭାଇ, ଅଭୟ ଭାଇ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଅଧ୍ୟାପକଙ୍କ ମାତୃବିୟୋଗ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ବଡହାଟସ୍ଥିତ ବିଶିଷ୍ଟ ଲେଖକ ସ୍ୱର୍ଗତଃ ଅଦ୍ୱୈତ ପ୍ରସାଦ ମହାନ୍ତିଙ୍କ ଧର୍ମପତ୍ନୀ ତଥା କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟର ଅଧ୍ୟାପକ ଦିଲ୍ଲୀପ ମହାନ୍ତିଙ୍କ ମା' ହରପ୍ରିୟା ମହାନ୍ତିଙ୍କର ୭୨ ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ବେସରକାରୀ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ବିୟୋଗ ହୋଇଯାଇଛି। ମୃତ୍ୟୁ ଶଜ୍ୟା ନିକଟରେ ତାଙ୍କର ଦୁଇ ପୁତ୍ର, ପୁତ୍ରବଧୂ, ଝିଅ ଜ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅ□ଳରେ ଶୋକର ଛାୟା ଖେଳିଯାଇଛି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ଦିଲ୍ଲୀପ ମୁଖାଗ୍ନି ଦେଇଥିଲେ।

## ବରିଷ୍ଠ ବିଜେପି ନେତାଙ୍କ ବିଜେଡିରେ ଯୋଗଦାନ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରା□ଳ ଅନ୍ତର୍ଗତ ହୋଟେଲ ଗ୍ରାଣ୍ଡ ମୟୁରରେ ରାଜ୍ୟ ବିଜେଡି ଆଇନଜୀବୀ ସାମ୍ମୁଖ୍ୟର କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଧାରା ଏବଂ ରାଜ୍ୟ ପ୍ରଗତିରେ ଅନୁପ୍ରାଣିତ ହୋଇ ବରିଷ୍ଠ ବିଜେପି ନେତା ତଥା ଆଇନଜୀବୀ ସୁବାଷ ଚନ୍ଦ୍ର ରାଉତ, ବସନ୍ତ କୁମାର ପରିଡା, ପ୍ରହଲ୍ଲାଦ ମାହାଳି ପ୍ରମୁଖ ବିଜେପି କର୍ମୀମାନେ ଏହି ବୈଠକରେ ବିଜୁ ଜନତା ଦଳରେ ଯୋଗଦେଇଥିଲେ। ବୈଠକରେ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିବା କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ବିଜେପି କର୍ମୀମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଦଳୀୟ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ଦଳକୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରି ବିଜେଡିରେ ସାମିଲ ହୋଇଥିବାରୁ ସେମାନଙ୍କୁ କୃତଜ୍ଞତା ପ୍ରଦାନ ସହ ଓଡିଶାର ସର୍ବପ୍ରଥମ ତଥା ସର୍ବପୁରାତନ କେନ୍ଦ୍ରାପଡା ପୌରସଂସ୍ଥା ପାଇଁ ଗତ ପୌର ନିର୍ବାଚନରେ ନଗରପାଳ ପ୍ରାର୍ଥୀ ସରିତା ସାହୁଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ନିବେଦନ କରିଥିଲେ। ଏହି ବୈଠକରେ ପୂର୍ବତନ ପୌରାଧ୍ୟକ୍ଷା ରୋସନା ସାହୁ, ଜିଲ୍ଲା ଓକିଲ ସଂଘ ସଭାପତି ଆଶୁତୋଷ ମହାନ୍ତି, ସାହିତ୍ୟିକ ବାସୁଦେବ ଦାସ, କବି ନିରଞ୍ଜନ ମେକାପ, ମହମ୍ମଦ ଜାହିଦ ଖାନ, ଶିକ୍ଷାବିତ ସେକ ରହିସୁଦ୍ଦିନ, ସେକ ଓହିଦ, ସେକ ବୁନା, ଧୀରେନ୍ଦ୍ର ଦାସ , ସତ୍ୟବ୍ରତ ସିଂ, ସ୍ୱୟଂପ୍ରଭାକର, ଲୋପାମୁଦ୍ରା ବାରିକ, ଅକ୍ଷୟପ୍ରିୟ ଦାସ, ମଙ୍ଗଳ ବରଣ ସିଂ, ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସେଲ ସଭାପତି ମହମ୍ମଦ ସେକ ଇନାୟତ(ଚନ୍ଦନ), ଉମାକାନ୍ତ ସିଂ, ବରିଷ୍ଠ ଆଇନଜୀବୀ ଗଗନ ବିହାରୀ ଜେନା, ନିରଞ୍ଜନ ବଳ, ଅରୁଣ ପ୍ରସାଦ ଦାସ, ଇତିହାସ ଲେଙ୍କା, ବ୍ରଜ ସୁନ୍ଦର ରାଉତ, ମାନସ ରଞ୍ଜନ ଧଳ, ଶେଷଦେବ ଦାସ, ତମସା ପାତ୍ର, ରେଣୁବାଳା ସାମଲ, ତାରେଣୀ ପାଟଜୋଷି, ହାଡିବନ୍ଧୁ ସିଂ, ପ୍ରହଲ୍ଲାଦ ମହାଳି, ଲୋକନାଥ ରାଉତ, ଗୋକୁଳାନନ୍ଦ ଦାସ, ହରି ପ୍ରସାଦ କର, ତ୍ରିଲୋଚନ ସାହୁ, ମନୋଜ ସାହୁ, ମାନସ ମହାନ୍ତି, ସୁବାଷ ମିଶ୍ର, ସୁରେଶ ନାୟକ, ସେକ ଅଫସର ଅଲ୍ଲୀ ବକ୍ସ, ଗୋବର୍ଦ୍ଧନ ରାଉତ, ଦିନେଶରାଜ ସିଂ, ଦୀପକ ପ୍ରଧାନ, ସେକ ୟୁସୁଫ ପ୍ରମୁଖ ଉପସ୍ଥିତ ଥିଲେ। ରମାକାନ୍ତ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ରଞ୍ଜନ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରଥିଲେ।

## ରାଜ୍ୟସ୍ତରୀୟ ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ



କେନ୍ଦ୍ରାପଡ଼ା (ପିଏନ୍): ଶ୍ରୀଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ କଟକ, ଅଗ୍ନିସ୍ଫୁଲିଙ୍ଗ ରାଉରକେଲା ଓ ଓଡିଶା ପୂଜ୍ୟପୂଜା ପରିଷଦ କଟକର ମିଳିତ ଆନୁକୁଲ୍ୟରେ ଆର୍ଯ୍ୟକବି ପଣ୍ଡିତ ଡଃ. ପ୍ରମୋଦ କୁମାର ମିଶ୍ରଙ୍କ ସଭାପତିତ୍ୱରେ ୪୫ତମ ରାଜ୍ୟସ୍ତରୀୟ କବି, ଲେଖକ ଓ କଳାକାର ସମାବେଶ ଏବଂ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବକୁ ନିଳଗିରିର ରାଜା ସାହେବ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ଓ ରାଣୀ ସାହେବା ମନୋଜା ମଞ୍ଜରୀ ଦେବୀ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ପଦ୍ମଶ୍ରୀ ରଜତ କୁମାର କର, ମୁଖ୍ୟଅତିଥି ଭାବେ ବରିଷ୍ଠ କବି ତଥା ପ୍ରାକ୍ତନ ସାଂସଦ ଡଃ. ପ୍ରଶନ୍ନ କୁମାର ପାଟଶାଣୀ, ମୁଖ୍ୟବକ୍ତା ଭାବେ ଡଃ. ହୁସେନ ରବି ଗାନ୍ଧୀ ଓ ସମ୍ମାନିତ ବକ୍ତା ଭାବେ ଗୋପିନାଥ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଆମ ଓଡିଶାର ସଂସ୍କୃତି ଓ ଐତିହ୍ୟ ସମ୍ପର୍କରେ ବହୁ ମୂଲ୍ୟବାନ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଉତ୍ସବରେ କେନ୍ଦ୍ରାପଡାର ଶିକ୍ଷାବିତ ମନୋରଞ୍ଜନ ତ୍ରିପାଠୀ, କେଶବ ସେଠୀ, ନିକୁଞ୍ଜ ବିହାରୀ ପୃଷ୍ଟି, ଅଧ୍ୟାପକ ମୃତ୍ୟୁଞ୍ଜୟ ମହାନ୍ତି, କବି ଶ୍ରୀଧର ମହାନ୍ତି, ମନୋଜ ଦାସ, ଚାରୁଲତା ଭୂୟାଁ, ମେଜର ଭରତଚନ୍ଦ୍ର ଜେନା, ଗୀତାଞ୍ଜଳୀ ସାହୁ, ଅନିତା ପୃଷ୍ଟି, ଯାମିନି ଦାସ ପ୍ରମୁଖଙ୍କୁ ମାନପତ୍ର ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ସମଗ୍ର ଓଡିଶାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ଲାଭ କରିଥିବା କବି, କବୟତ୍ରୀ, ଲେଖକ, ଲେଖିକା, କଳାକାର, ବୃତ୍ତି ଶିକ୍ଷକ ଓ ପରିବେଶବିତ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ଯୁଗଳ ଯୋଶୀ ପୂର୍ବତଟ ରେଳପଥ ରେଳବାଇ ସୁରକ୍ଷା ବଳର ନୂତନ ପ୍ରମୁଖ ନିରାପତା ଆୟୁକ୍ତ

ଭୁବନେଶ୍ୱର,(ପି.ଏନ): ପୂର୍ବତଟ ରେଳପଥର ରେଳବାଇ ସୁରକ୍ଷା ବଳ ନୂତନ ପ୍ରମୁଖ ନିରାପତା ଆୟୁକ୍ତ ଭାବେ ଯୁଗଳ କିଶୋର ଯୋଶୀ ଯୋଗଦାନ କରିଛନ୍ତି । ସେ ୧୯୮୭ ମସିହା ଭାରତୀୟ ରେଳବାଇ ସୁରକ୍ଷା ବଳ ସେବା ଅଧିକାରୀ ଅଟନ୍ତି । ଏହା ପୂର୍ବରୁ ଶ୍ରୀ ଯୋଶୀ ଜଳ ଶକ୍ତି ମନ୍ତ୍ରାଳୟର ସ୍ୱଚ୍ଛ ଭାରତ ମିଶନ ଏବଂ ଜଳ ଜୀବନ ମିଶନ କାର୍ଯ୍ୟକ୍ରମ ମାନଙ୍କରେ ନିର୍ଦେଶକ ଭାବେ ୨୦୧୭ ମସିହା ଠାରୁ ୨୦୨୨ ମସିହା ପର୍ଯ୍ୟନ୍ତ ଡେପୁଟେସନରେ ଥାଇ କାର୍ଯ୍ୟ ତୁଲାଉଥିଲେ । ସେ ମଧ୍ୟ ବିଭିନ୍ନ ରେଳପଥରେ ଭିନ୍ନ ଭିନ୍ନ ପଦପଦବୀରେ ଥାଇ ସୁଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିବା ସହିତ ସୁରକ୍ଷା ସମ୍ବନ୍ଧୀୟ ଅପରାଧ ଅନ୍ୱେଷଣ କ୍ଷେତ୍ରରେ ପ୍ରଗାଢ଼ ଦକ୍ଷତା ରଖିଛନ୍ତି । ଶ୍ରୀ ଯୋଶୀ ୨୦୧୪ ରୁ ୨୦୧୭ ମସିହା ମଧ୍ୟରେ ରେଳବାଇ ବୋର୍ଡରେ ରେଳ ସୁରକ୍ଷା ବଳ ନିର୍ଦେଶକ, ଉତ୍ତର ରେଳପଥର ଦିଲ୍ଲୀ ଏବଂ ପୂର୍ବ ରେଳପଥର ହାଓଡ଼ା ରେଳ ମଣ୍ଡଳ ମାନଙ୍କରେ ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଭାବେ କାର୍ଯ୍ୟ ତୁଲାଇଛନ୍ତି । ସେ ମଧ୍ୟ ପୂର୍ବତଟ ରେଳପଥରେ ଉପମୁଖ୍ୟ ସୁରକ୍ଷା ଆୟୁକ୍ତ ଭାବେ ୨୦୦୮ ରୁ ୨୦୧୧ ମସିହା ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିଛନ୍ତି ।ସେ ସ୍ୱଚ୍ଛ ଭାରତ ମିଶନ ଦଳର ଏକ ପ୍ରମୁଖ ସଦସ୍ୟ ଥିଲେ ଯାହାକି ବିଶ୍ୱର ସର୍ବ ବୃହତ ଆଚରଣ ପରିବର୍ତନ କାର୍ଯ୍ୟକ୍ରମକୁ ଯୋଜନା, କାର୍ଯ୍ୟକାରୀ ଏବଂ ତଦାରଖ କରିଥିଲା ଏବଂ ଭାରତକୁ ମୁକ୍ତ ମଳତ୍ୟାଗ କାର୍ଯ୍ୟକ୍ରମ ସଂଚାଳନ କରିବାରେ ସହାୟକ କରିଥିଲା । ସେ ଆନ୍ତ-ମନ୍ତ୍ରାଳୟ ସ୍ୱଚ୍ଛତା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ଯାହାଦ୍ୱାରା ସ୍ୱଚ୍ଛତା କାର୍ଯ୍ୟ ଯୋଜନା, ସ୍ୱଚ୍ଛତା ପଖୱାଡ଼ା, ସ୍ୱଚ୍ଛ ପ୍ରତିଷ୍ଠିତ ସ୍ଥାନ ଏବଂ ଗଙ୍ଗା ଗ୍ରାମ କାର୍ଯ୍ୟକ୍ରମ ଗୁଡ଼ିକ ଅନ୍ତର୍ଭୁକ୍ତ ଥିଲା । ଜିଲ୍ଲା ସ୍ଥିତ ରାଷ୍ଟ୍ରୀୟ ସ୍ୱଚ୍ଛତା କେନ୍ଦ୍ରର ପ୍ରତିଷ୍ଠାତା ନିର୍ଦ୍ଦେଶକ ଥିଲେ ଯେଉଁଠାରେ କଠିନ ବର୍ଜ୍ୟବସ୍ତୁ, ତରଳ ବର୍ଜ୍ୟବସ୍ତୁ ଏବଂ ମଳ ପରିଚାଳନା ପାଇଁ ନିର୍ଦ୍ଦେଶାବଳୀ ପ୍ରସ୍ତୁତ କରିଥିଲେ । ଶ୍ରୀ ଯୁଗଳ ଯୋଶୀଙ୍କ କାର୍ଯ୍ୟ ଦକ୍ଷତା ପାଇଁ ସେ ୨୦୧୮ ମସିହାରେ ସାଧାରଣ ପ୍ରଶାସନ କ୍ଷେତ୍ରରେ ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟ ପାଇଁ ପ୍ରଧାନମନ୍ତ୍ରୀ ପୁରସ୍କାର, ୨୦୨୦ ମସିହାରେ ଭାରତୀୟ ପୋଲିସ ସେବା ପଦକ, ୨୦୧୩ ମସିହାରେ ଭାରତୀୟ ରେଳବାଇ ଜାତୀୟ ପୁରସ୍କାର, ୨୦୦୯ ମସିହାରେ ସିଙ୍ଗାପୁର ସ୍ଥିତ ଜାତୀୟ ବିଶ୍ୱବିଦ୍ୟାଳୟରୁ ଲୋକ ପ୍ରଶାସନ ରେ ସ୍ନାତକୋତର ଡିଗ୍ରୀ ଏବଂ ୨୦୦୧ ମସିହାରେ ରେଳବାଇ ସୁରକ୍ଷା ବଳ ମହାନିର୍ଦେଶକଙ୍କ ପକ୍ଷରୁ ଉଚ୍ଚ ପ୍ରଶସ୍ତି ଓ ସୂଚକ ଚିହ୍ନ ସହିତ ଅନେକାନେକ ସମ୍ମାନିତ ହୋଇଛନ୍ତି ।

## ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଅର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ଦାବିରେ ଆଜି ଓଡ଼ିଶା ଏମ୍‌ଡ଼ିଏମ ୱାର୍କାରସ୍ ୟୁନିଅନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମ୍‌ଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧ୍ୟକ୍ଷ ଅମଳ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିବର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ଆରତୀ ମହାନ୍ତି, ମହାନ୍ତ, ରଞ୍ଜିତା ରାଉତ, ନେଲିଆ ହାଁସଦା, ବାଣାପାଣି ନାୟକ, ଆଳନ୍ଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ ଦାସ, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଉଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏହି ସହିତ ୨୮ ମାସର ଏରିଅର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି କିଛି ଦିନରେ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

## ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)– ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧ୍ୟାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)– ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

## ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)– ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ । ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି । ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି । ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ରାଜ୍ୟସ୍ତରୀୟ ବିଶ୍ୱ ସ୍ୱାସ୍ଥ୍ୟ ଦିବସ : ସୁସ୍ଥ ଜୀବନ ପାଇଁ ସୁରକ୍ଷିତ ପୃଥିବୀ: ଆମ ଦାୟିତ୍ୱ

ଭୁବନେଶ୍ୱର, (ପି.ଏନ); ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗୀତଗୋବିନ୍ଦ ସଦନ ଠାରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୨ ପାଳିତ ହୋଇଯାଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡା. ଅଜିତ୍ କୁମାର ମହାନ୍ତି ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଦ୍ରୁତ ଗତିରେ ଅବକ୍ଷୟ ହେଉଥିବା ଆମ ପୃଥିବୀର ଜୈବବିବିଧତାର ସୁରକ୍ଷା ନିମନ୍ତେ ପ୍ରତ୍ୟେକ ସ୍ତରରେ ନିଷ୍ଠାପର ଉଦ୍ୟମ ଲୋଡା ବୋଲି ମତ ପ୍ରକାଶ କରିଛନ୍ତି । ‘ଆମ ପୃଥିବୀ– ଆମ ସ୍ୱାସ୍ଥ୍ୟ’ ଶୀର୍ଷକ ଏହି ରାଜ୍ୟ ସ୍ତରୀୟ ସମାରୋହରେ ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ୱତନ୍ତ୍ର ସଚିବ (ମେଡିକାଲ ସର୍ଭିସେସ୍) ଡା. ଦୀନବନ୍ଧୁ ପଣ୍ଡା, ଭାରତ ସରକାରଙ୍କ ବରିଷ୍ଠ ଆଚଂଳିକ ନିର୍ଦ୍ଦେଶକ, ଡା. ଏସ୍.କେ. କର, ନିର୍ଦ୍ଦେଶକ ସ୍ୱାସ୍ଥ୍ୟ ସେବା ଡା. ବିଜୟ କୁମାର ମହାପାତ୍ର, କିମ୍ସର ଉପ-କୁଳପତି ଡା.ସି.ବି.କେ. ମହାନ୍ତି, ନିର୍ଦ୍ଦେଶକ ଆୟୁଷ, ଡ଼ା. ଭୂମେଶ ବେହେରା, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ, ଓଡିଶା ଶାଖା ପ୍ରତିନିଧି ଡା. ନିହାର ରାୟ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଅମରେନ୍ଦ୍ରନାଥ ମହାନ୍ତି ଅଂଶଗ୍ରହଣ କରି ବିଶ୍ୱ ସ୍ୱାସ୍ଥ୍ୟ ଦିବସ ୨୦୨୨ ଏବଂ ଏ ବର୍ଷର ବାର୍ତାର ଯଥାର୍ଥ କାର୍ଯ୍ୟାନ୍ୱୟନ ଉପରେ ଆଲୋକପାତ କରିଥିଲେ ।

## ବାଇକ ଧକ୍କାରେ ସାଇକେଲ ଆରୋହୀଙ୍କ ମୃତ୍ୟୁ

କେନ୍ଦ୍ରାପଡା, (ପିଏନ)– କଟକ-ଚାନ୍ଦବାଲି ରାସ୍ତାର ଜମଧର ଠାରେ ଗତ ୧୩ତାରିଖ ସନ୍ଧ୍ୟାରେ ଏକ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଗହଗାନରସିଂପୁର ଗ୍ରାମର ଜ୍ଞାନରଞ୍ଜନ ପଣ୍ଡା ନାମକ ବ୍ୟକ୍ତି ଜଣକ ଗତ କିଛିବର୍ଷ ହେବ ମୁଲମଜୁରୀ ଲାଗିବାକୁ କେନ୍ଦ୍ରାପଡା ସହରର ମୀରପାଟଣା ଗ୍ରାମକୁ ଆସିଥାନ୍ତି । ସେ ଗତ ୧୩ତାରିଖ ସନ୍ଧ୍ୟାରେ ମଜୁରୀ ଲାଗି ଘରକୁ ସାଇକେଲରେ ଫେରୁଥିବା ବେଳେ ଜମଧର ନିକଟରେ ତାଙ୍କୁ ଏକ ବାଇକ ଧକ୍କା ଦେବାରୁ ସେ ତଳେ ପଡିଯାଇଥିଲେ । ତାଙ୍କୁ ସ୍ଥାନୀୟ ଲୋକଙ୍କ ଦ୍ୱାରା ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । କିନ୍ତୁ ଗତ ୧୫ତାରିଖ ରାତି ପ୍ରାୟ ସାଢେ ୮ଟା ସମୟରେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ସୂଚନା ମିଳିଛି । ମୃତକଙ୍କ ପରିବାର ପକ୍ଷରୁ ଏସମ୍ପର୍କରେ ସଦର ଥାନାରେ ଅଭିଯୋଗ କରାଯାଇଥିବା ଜଣାପଡିଛି ।

## ଯୁବକକୁ ମାରଣାନ୍ତକ ଆକ୍ରମଣ ଘଟଣା : ଅଭିଯୁକ୍ତ ଗିରଫ, ମାରଣାସ୍ତ୍ର ଜବତ

ଧର୍ମଶାଳା,(ପିଏନ)– ଯାଜପୁର ଜିଲା ଧର୍ମଶାଳା ବ୍ଲକ ବଡଚଣା ବ୍ଲକ ସୀମାନ୍ତ ଅଂଚଳ କଦମପାଳ-ବନମାଳୀପୁର ମଧ୍ୟସ୍ଥଳରେ ବାଙ୍କି ବନ୍ଧ ନିକଟରେ ଘଟିଥିବା ବିଭତ୍ସ ହତ୍ୟା ଘଟଣାରେ ପୋଲିସ ଅଭିଯୁକ୍ତକୁ ଗିରଫ କରିବା ସହ ବ୍ୟବହୃତ ଏକ ଧାରୁଆ କଟୁରୀକୁ ଜବତ କରିଛି । ଅଭିଯୁକ୍ତ ଜଣକ ହେଲେ ବନମାଳୀପୁର ଗ୍ରାମର ସମ୍ପର୍କୀୟ ଭାଇ ପ୍ରଶାନ୍ତ ସେଠୀ ବୋଲି ଜଣାପଡିଛି । ପାରିବାରିକ ପୂର୍ବ ଶତ୍ରୁତାରୁ ଏଭଳି କାଣ୍ଡ ଭିଆଇଥିବା ନେଇ ପୋଲିସ ଆଗରେ ପ୍ରଶାନ୍ତ ସ୍ୱୀକାର କରିଥିବା ନେଇ ଯାଜପୁର ଏସଡିପିଓ ଚିନ୍ମୟ କୁମାର ନାୟକ ବାଲିଚନ୍ଦ୍ରପୁର ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ସୂଚନା ଥାଉକି ଗତ କାଲି ସନ୍ଧ୍ୟା ୭ ଘଟିକା ସମୟରେ ଦୁର୍ବୃତଙ୍କ ଆକ୍ରମଣରେ ରାସ୍ତାରେ ଉପରେ ପଡିଥଲା ଏକ ଯୁବକର ମୃତ ଦେହ । ସ୍ଥାନୀୟ ଲୋକେ ରାସ୍ତାରେ ଯାତାୟତ ସମୟରେ ଦେଖିବାପରେ ଖବର ପଚାରିତ ହେବା ସହ ବାଲିଚନ୍ଦ୍ରପୁର ଥାନାକୁ ଖବର ଦିଆଯାଇଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଥିଲା । ତଦନ୍ତ ସମୟରେ ମୃତ ଯୁବକର ପରିଚୟ ମିଳିଥିଲା । ମୃତ ଜଣକ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ଉତ୍ସବ ସେଠୀ(୩୨) ବୋଲି ଜଣାପଡିଥିଲା । ପୋଲିସ ୨୮୦/୨୦ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା । ଏବଂ ଘଟଣାସ୍ଥଳରୁ ଏକ ବାଇକ ଜବତ କରିଥିଲା । ବିଳମ୍ବିତ ରାତି ହେବାରୁ ଅଧିକ ତଦନ୍ତ ପାଇଁ ପୋଲିସ ସାଇଁଟିଫିକ ଦଳର ସହାୟତା ନେଇଥିଲା । ତେବେ ଆଜି ସକାଳେ କେନ୍ଦ୍ରାପଡାର ଏକ ସାଇଁଟିଫିକ ଦଳ ଆସି ଘଟଣାର ତଦନ୍ତ କରିଥିଲେ । ତଦନ୍ତ ପରେ ପୋଲିସ ମୃତ ଦେହକୁ ବ୍ୟବଚ୍ଛେଦ ନିମନ୍ତେ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ ଦେଇଥିଲେ ।

## ଭଗବାନ ଦ୍ୱିବେଦୀଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ପକ୍ଷରୁ ଶୋକସଭା ପାଳିତ

ବାରିପଦା,(ପିଏନ)– ଓଡ଼ିଶା ବ୍ରାହ୍ମଣ ମହାସଭା ମୟୂରଭଞ୍ଜ ଶାଖାର କାର୍ଯ୍ୟକାରୀ ସଭାପତି ସୁଦର୍ଶନ ଦ୍ୱିବେଦୀଙ୍କ ପିତା ଭଗବାନ ଦ୍ୱିବେଦୀଙ୍କ ୯୬ ବର୍ଷ ବୟସରେ ଦେହାନ୍ତ ହୋଇଛି । ତାଙ୍କ ବିୟୋଗରେ ମୟୂରଭଞ୍ଜ ବ୍ରାହ୍ମଣ ମହାସଭା ପକ୍ଷରୁ ସଭାପତି ଡ଼ା. ମହାଦେବ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ସାଧାରଣ ସମ୍ପାଦକ ଭାଗବତ ପଣ୍ଡା, ଉପସଭାପତି ଦୋଳଗୋବିନ୍ଦ ଦାଶ, କୋଷାଧ୍ୟକ୍ଷ ଅଚ୍ୟୁତ ପ୍ରସାଦ ମହାପାତ୍ର, ଯୁଗ୍ମ ସମ୍ପାଦକ ନରୋତମ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ଆମେ ସମସ୍ତେ ଜଣେ ଉତମ ଯାଜ୍ଞିକ ବ୍ରାହ୍ମଣଙ୍କୁ ହରାଇ ଦେଇଛୁ । କର୍ମକାଣ୍ଡ ସମ୍ପର୍କରେ ତାଙ୍କର ଅଗାଧ ଜ୍ଞାନ ସହ ଦକ୍ଷତା ରହିଥିଲା । ମୟୂରଭଞ୍ଜ ଜିଲ୍ଲା ସହ ରାଜ୍ୟର ଅନ୍ୟ ଜିଲ୍ଲାମାନଙ୍କରେ ପ୍ରାୟ ୫ଶହରୁ ଅଧିକ ଯୋଜମାନ ରହିଥିଲେ । ସରଳ, ମେଳାପି ଓ ମିଷ୍ଟଭାଷୀ ବ୍ୟକ୍ତିତ୍ୱର ଆଧାରୀ ହୋଇଥିବା କାରଣରୁ ସମସ୍ତଙ୍କ ନିକଟରେ ପ୍ରିୟପାତ୍ର ଓ ଆସ୍ଥା ଭାଜନ ହୋଇପାରିଥିଲେ । ତାଙ୍କ ବିୟୋଗରେ ବ୍ରାହ୍ମଣ ମହାସଭା ଏକ ଉତମ କର୍ମକାଣ୍ଡବିତ୍‌ଙ୍କୁ ସବୁଦିନ ନିମନ୍ତେ ହରାଇ ବସିଛି ବୋଲି ବକ୍ତାମାନେ ତାଙ୍କର ସ୍ମୃତି ଚାରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାସଭାର ବରିଷ୍ଠ ସଭ୍ୟ ଆଶୁତୋଷ ଆଚାର୍ଯ୍ୟ, ବ୍ରଜକିଶୋର ଦାଶ, ଗୋପୀନାଥ ପଣ୍ଡା, ସିଦ୍ଧେଶ୍ୱର ଶତପଥୀ, କାମେଶ୍ୱର ତ୍ରିପାଠୀ, ସଭ୍ୟା ଭଗବତୀ ଦାଶ ପ୍ରମୁଖ ଉପସ୍ଥିତ ରହି ଦିବଂଗତ ଆତ୍ମାପ୍ରତି ଭକ୍ତିପୁତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଭଗବାନଙ୍କ ନିକଟରେ ୨ ମିନିଟ ନୀରବ ପ୍ରାର୍ଥନା କରିଥିଲେ ।

## ଭଦ୍ରକ : ଅବକାରୀ କର୍ମଚାରୀଙ୍କୁ ମାଡ ମାରିଥିବା ୩ ମଦ ମାଫିଆ ଗିରଫ

ଭଦ୍ରକ, (ପିଏନ)– ଅବକାରୀ କର୍ମଚାରୀମାନଙ୍କୁ ମଦ ମାଫିଆଙ୍କ ଆକ୍ରମଣ ଘଟଣାରେ ଭଦ୍ରକ ପୁରୁଣାବଜାର ଥାନା ପୁଲିସ୍ ୩ ଜଣ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଛି । ଖବର ଅନୁଯାୟୀ ଚଳିତ ମାସ ୭ ତାରିଖ ଦିନ ପୁରୁଣାବଜାର ଥାନା ମିର୍ଜାପୁର ଅଂଚଳରେ, ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା । ଏହି ଚଢାଉ ସମୟରେ ବିପୁଳ ପରିମାଣର ମଦ ସହ ୨ ଜଣ ଗିରଫ ହୋଇଥିଲେ । ହେଲେ ମଦ ମାଫିଆମାନଙ୍କ ପାଲଟା ଆକ୍ରମଣର ସମ୍ମୁଖୀନ ହୋଇଥିଲେ ଅବକାରୀ କର୍ମଚାରୀ । ଗିରଫ ହୋଇଥିବା ଅଭିଯୁକ୍ତମାନଙ୍କ ସହ ମଦକୁ ବି ଛଡାଇ ନେଇଥିଲେ ଆକ୍ରମଣକାରୀ । ଏବଂ ଅଭିଯୁକ୍ତମାନେ ସମସ୍ତ ୭ ଜଣ ଅବକାରୀ କର୍ମଚାରୀଙ୍କୁ ମାଡ ମାରି ଆହତ କରିବା ସହ ଗ୍ରାମରେ ଅଟକାଇ ରଖିଥିଲେ ।

## କିଟ୍‌ରେ ୬୮ ତମ ଓଡ଼ିଶା ରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ




ଭୁବନେଶ୍ୱର,(ପି.ଏନ): କିଟ୍ ଆଥ୍‌ଲେଟିକ୍ ଷ୍ଟାଡ଼ିଅମରେ ୬୮ତମ ରାଜ୍ୟ ବରିଷ୍ଠ ଓ କନିଷ୍ଠ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି । କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅପ୍ରେଲ୍ ୧୧ ତାରିଖ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ୩୦ଟି ଜିଲ୍ଲା, ପରାଦୀପ ବନ୍ଦର, ଓଡ଼ିଶା ପୋଷ୍ଟ ଓ ଟେଲିକମ୍ ଆଦିରୁ ୨ହଜାରରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍, କୋଚ ଓ ଅଫିସିଆଲ୍ ଯୋଗ ଦେଇଛନ୍ତି । ସେମାନଙ୍କ ପାଇଁ ରହିବା, ଖାଇବା ତଥା ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥା କିଟ୍ ପକ୍ଷରୁ କରାଯାଇଛି । କିଟ୍-କିସ୍ ଆଥଲେଟିକ୍ ଷ୍ଟାଡ଼ିଅମରେ ସମସ୍ତ ପ୍ରତିଯୋଗିତା ଦିବାରାତ୍ର ଅନୁଷ୍ଠିତ ହେବ । କିଟ୍ ପକ୍ଷରୁ ଦୂତି, ଅମିୟ ଓ ଜଉନାଙ୍କ ଭଳି ଅନ୍ତର୍ଜାତୀୟ ଖେଳାଳି ଯୋଗ ଦେଉଥିବା ବେଳେ ରାଜ୍ୟର ବହୁ ପ୍ରତିଭାଧାରୀ ଖେଳାଳି ଏହି ପ୍ରତିଯୋଗିତାରେ ଯୋଗ ଦେଇଛନ୍ତି । ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ, ଓଡ଼ିଶା ଆଥଲେଟିକ୍ ଆସୋସିଏସନ୍ ଓ କିଟ୍-କିସ୍ ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଆଥଲେଟିକ୍ ଆସୋସିଏସନ୍ ସମ୍ପାଦକ ଆଶୀର୍ବାଦ ବେହେରା, ସଭାପତି ଜି. ଶ୍ରୀନିବାସ ପଟ୍ଟନାୟକ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା, ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ୍‌ର କୋଷାଧ୍ୟକ୍ଷ ଅଧିପ ଦାସ ଓ ସମ୍ପାଦକ ଅଭିଜିତ ପାଲ ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ ।

## ରୁକୁଣା ରଥଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର, (ପି.ଏନ): ଆସନ୍ତା ୯ ତାରିଖ (ଶନିବାର) ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହେବ । ଏଥିପାଇଁ ଗୁରୁବାର ସ୍ଥାନୀୟ ମା’ କଲ୍ୟାଣ ମଣ୍ଡପରେ ପୁଲିସ କମିଶନରଙ୍କ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୁଲିସ କମିଶନର ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ଯାତ୍ରାର ସୁରକ୍ଷା ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ରଥ ପ୍ରତିଷ୍ଠା ଦିନ ଠାରୁ ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ବିଭିନ୍ନ ସୁରକ୍ଷା ବ୍ୟବସ୍ଥା ଓ ଆଇନ ଶୃଙ୍ଖଳା ସଂପର୍କରେ ଆଲୋଚନା ହୋଇଥିଲା ।ରଥ ପ୍ରତିଷ୍ଠା ଦିନ ଅର୍ଥାତ ୮ତାରିଖରୁ ପୁଲିସ ରଥକୁ ସୁରକ୍ଷା ଯୋଗାଇବ । ମହାପ୍ରଭୁ ମନ୍ଦିରକୁ ପ୍ରବେଶ ପର୍ଯ୍ୟନ୍ତ ସ୍ୱର୍ଣ୍ଣାଦ୍ରି ବିଜେ ପର୍ଯ୍ୟନ୍ତ ପୁଲିସ ରଥ ଯାତ୍ରାରେ ଅଧିକ ସୁରକ୍ଷା ବ୍ୟବସ୍ଥା କରିବ । ରଥ ପ୍ରତିଷ୍ଠା ଦିନ କେଦାରଗୌରୀ ମରିଚି କୁଣ୍ଡଠାରେ, ମହାଖଳାରେ ରାମେଶ୍ୱର ମନ୍ଦିରଠାରେ ପୁଲିସ ଫୋର୍ସ ରହି ଯାତ୍ରାରେ ଆଇନ ଶୃଙ୍ଖଳା ଉପରେ ନଜର ରଖାଯିବ ବୋଲି କୁହାଯାଇଛି । ଯାତ୍ରା ଦିନ ରାମେଶ୍ୱର ଛକ, ଇଲେକ୍ଟ୍ରି ଅଫିସ ଛକ, କେଦାରଗୌରୀ ଛକ, ବଡ଼େଇବାଙ୍କ ଛକଠାରୁ ରାସ୍ତା ସିଲ୍ କରାଯିବ ବୋଲି କୁହାଯାଇଛି । ସେହିପରି ଯାତ୍ରାରେ ସାଦା ପୋଷାକଧାରୀ, ମହିଳା ପୁଲିସ ରହିବା ସହ ସର୍ବଦା ପିସିଆର ଭ୍ୟାନ୍ ରଥ ପାଖରେ ଓ ମନ୍ଦିର ପାଖରେ ରହିବ । ରଥକୁ ଗୋଟିଏ ଦିନରେ ମାଉସୀ ମା’ ମନ୍ଦିରକୁ ଆଣିବା ପାଇଁ ଉଦ୍ୟମ କରାଯିବ । ସେହିପରି ରଥ ଉପରେ ଓ ରଥ ପାଖରେ ଅଧିକ ଲୋକ ରହୁଥିବାରୁ ସ୍ୱତନ୍ତ୍ର ନଜର ରଖାଯିବ । ରଥ ଉପରେ କମ୍ ସେବାୟତ ରହିବା ପାଇଁ ନିଯୋଗ ପ୍ରତିନିଧିଙ୍କୁ ଅନୁରୋଧ କରାଯାଇଛି । ରଥ କର୍ଡନ୍ ଭିତରକୁ ଯେପରି ଅଧିକ ଲୋକ ନଆସନ୍ତି ସେଥିପାଇଁ ମଧ୍ୟ ଧ୍ୟାନ ଦିଆଯିବ । ତେବେ ରଥ ପାଖରେ ମହାରଣା ସେବାୟତ ଓ କରଡ଼ା ସେବାୟତ ଓ ମନ୍ଦିର କର୍ମଚାରୀଙ୍କୁ କମିସନରେଟ୍ ପୁଲିସ ପକ୍ଷରୁ ଚିହ୍ନଟ କରାଯିବ । ଏହି ବୈଠକରେ ବିଧାୟକ ସୁରେଶ କୁମାର ରାଉତରାୟ, ଡିସିପି ଉମାଶଙ୍କର ଦାଶ, ଟ୍ରାଫିକ୍ ଡିସିପି କେକେ ପାଣିଗ୍ରାହୀ, ଟ୍ରାଫିକ୍ ଏସିପି ସ୍ୱସ୍ତିକ ପଣ୍ଡା, କର୍ପୋରେଟର ବିରଂଚି ନାରାୟଣ ମହାସୁପକାର, ନୃପେଶ ନାୟକ, ଶିବ ପ୍ରସାଦ ବେହେରା, ଚନ୍ଦ୍ରଶେଖର ମଲିଆ, କମଳାକାନ୍ତ ବଡ୍ଡୁ, ସରୋଜ ମିଶ୍ର, ମନ୍ଦିର ସୁପରଭାଇଜର ରାଜକିଶୋର ମହାପାତ୍ରଙ୍କ ସମେତ ସମସ୍ତ ଅତିରିକ୍ତ ଡିସିପି, ଏସିପି, ଥାନା ଅଧିକାରୀ ଉପସ୍ଥିତ ଥିଲେ ।ଅପରପକ୍ଷରେ ରୁକୁଣା ରଥଯାତ୍ରା ପାଇଁ ଟ୍ରାଫିକ୍ କଟକଣା ଜାରି କରାଯାଇଛି । ୯ ତାରିଖ ପ୍ରଭୁ ଲିଙ୍ଗରାଜଙ୍କ ଅଶୋକାଷ୍ଟମୀ ରଥଯାତ୍ରା ଏବଂ ୧୩ ତାରିଖ ବାହୁଡ଼ା ଯାତ୍ରା ଦିନ ଏହି କଟକଣା ଲାଗୁ ରହିବ । ଉକ୍ତ ୨ ଦିନ କୌଣସି ଗାଡି ମାଉସୀ ମା ଛକ ଠାରୁ ରଥ ରୋଡ୍ ଯାଇପାରିବ ନାହିଁ । ସବୁ ଗାଡି ମାଉସୀମା ଛକ ଠାରୁ ମ୍ୟୁଜିୟମ୍ ଛକ ଆଡକୁ କିମ୍ବା ବିବେକାନ୍ଦ ମାର୍ଗ ରାସ୍ତାରେ ଯିବା ଆସିବା କରିପାରିବେ । ରଥ ରୋଡ୍ ରେ ବାରିକ ସାହି ଗଳି , ମହାରଣା ସାହି ଗଳି, ଗୋସାଗରେଶ୍ୱର ଛକ ଗଳି ଶୀତଳଷଷ୍ଠୀ ଛକ ଗଳି , ତିନିମୁଣ୍ଡିଆ ଛକ ଗଳି , ହରଚଣ୍ଡୀ ଗଳି , ମୁନା ମେଡିକାଲ ଗଳି, ପୁନମା ଗେଟ୍ ଗଳି ପଟ୍ଟୁ ଏବଂ ଅନ୍ୟ ସାହି ରାସ୍ତା ରୁ କୌଣସି ଗାଡି ରଥ ରୋଡ୍ ରେ ଯିବା ଆସିବା କରିପାରିବେନାହିଁ । ସେହିପରି ରଥ ଖଳା ଠାରୁ ରଥ ରୋଡ୍ ରେ କୌଣସି ଗାଡିକୁ ଯିବାକୁ ଦିଆଯିବ ନାହିଁ । ସେଗୁଡିକ ମହାଦେବ ମନ୍ଦିର ପଟ୍ଟୁ ବିଏମସି ମାର୍କେଟ୍ କମ୍ପ୍ଲେକ୍ସ କିମ୍ବା ବିନ୍ଦୁସାଗର ରାସ୍ତା ଦେଇ ଯାଇପାରିବେ । ଏହି ନିୟମ ଖିଲାପ କଲେ ୫୦୦ ଟଙ୍କାରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଦେବାକୁ ପଡିବ ।

## ତୋଷାଳିର ଏକାଦଶ ସନ୍ଧ୍ୟା ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ଉଦ୍‌ଘାଟିତ

ଭୁବନେଶ୍ୱର,(ପି.ଏନ)ଷୋଡ଼ଶ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳାର ଏଗାର ଦିନ ସନ୍ଧ୍ୟାରେ ମୁଖ୍ୟ ଶାସନ ସଚିବ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ମେଳାର ଶୁଭାରମ୍ଭ କରିଥିଲେ । ଏହି ଅବସରରେ ସମବେତ ଶିଳ୍ପୀ, କଳାକାର, ବୁଣାକାର ଓ ଦର୍ଶକମାନଙ୍କୁ ଉଦ୍ ବୋଧନ ଦେଇ ଶ୍ରୀ ମହାପାତ୍ର କହିଥିଲେ ଯେ କୋଭିଡ୍ ପରବର୍ତୀ ଅବସ୍ଥାରେ ପ୍ରଥମ ଥର କରି ତୋଷାଳି ମେଳାକୁ ସମାରୋହ ଓ ସଫଳତାର ସହିତ ଆୟୋଜନ କରାଯାଇଛି । ଏହା କୋଭିଡ୍ କ୍ଷତିଗ୍ରସ୍ତ ଶିଳ୍ପୀମାନଙ୍କ ପାଇଁ ନୂଆ ଆଶା ସଂଚାର କରିଛି । ପ୍ରଦର୍ଶନୀକୁ ଦୈନିକ ହଜାର ହଜାର ସଂଖ୍ୟାର ଦର୍ଶକ ପରିଦର୍ଶନ କରୁଛନ୍ତି ଏବଂ ଶିଳ୍ପୀ ଓ କାରିଗରମାନଙ୍କର ଉତ୍ପାଦିତ ଦ୍ରବ୍ୟ ବିକ୍ରି ବହୁଗୁଣିତ ହୋଇଛି ।କାଇଁଚ ଶିଳ୍ପ ଓଡ଼ିଶାର ଏକ ସ୍ୱତନ୍ତ୍ର ହସ୍ତଶିଳ୍ପ । କାଇଁଚ ଶିଳ୍ପୀମାନେ ଦୈନିଦିନ ଜୀବନରେ ବ୍ୟବହାର୍ଯ୍ୟ ପଦାର୍ଥଠାରୁ ଆରମ୍ଭ କରି କାର୍ଯ୍ୟାଳୟ ଓ ବିଭିନ୍ନ ପ୍ରକାର ସାଜସଜ୍ଜାରେ ଆବଶ୍ୟକ ପଡୁଥିବା ଦ୍ରବ୍ୟ ଉତ୍ପାଦନ କରନ୍ତି । ଏହି ଶିଳ୍ପୀମାନଙ୍କର ଉତ୍ପାଦ ବେଶ୍ ଆକର୍ଷଣୀୟ ଏବଂ ଉପଯୋଗୀ । କାଇଁଚ ହସ୍ତଶିଳ୍ପକୁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟ କରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପ୍ରଚେଷ୍ଟା ଆରମ୍ଭ କରାଯାଇଛି । କେନ୍ଦ୍ରାପଡ଼ା କାଇଁଚ ଉତ୍ପାଦର ଜି.ଆଇ. ଟ୍ୟାଗିଂ ପାଇଁ ମଧ୍ୟ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ । ମୁଖ୍ୟ ଶାସନ ସଚିବ ଆହୁରି ମଧ୍ୟ କହିଥିଲେ ଯେ ହସ୍ତଶିଳ୍ପୀ ଓ କାରିଗରମାନଙ୍କୁ ବର୍ଷତମାମ୍ ବିକ୍ରିବଟା ସୁଯୋଗ ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ତରଫରୁ ଭୁବନେଶ୍ୱର ଏକାମ୍ର ହାଟରେ ସ୍ୱତନ୍ତ୍ର ଷ୍ଟଲମାନ ପ୍ରତିଷ୍ଠା କରାଯାଇଛି । ପୁରୀ ଓ କୋଣାର୍କରେ ଥିବା ନୀଳାଚଳ ଓ କୋଣାର୍କ ହାଟକୁ ନବୀକରଣ କରାଯାଇ ବର୍ଷତମାମ୍ ଚାଲୁ କରାଯିବାର ବ୍ୟବସ୍ଥା କରାଯାଉଛି ବୋଲି ମଧ୍ୟ ସେ କହିଥିଲେ । ବିଭାଗୀୟ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା ଜଣାଇଥିଲେ ଯେ କେନ୍ଦ୍ରାପଡ଼ା ଜିଲ୍ଲାରୁ ପ୍ରାୟ ୩ ହଜାର କାଇଁଚ ଶିଳ୍ପୀଙ୍କୁ ଚିହ୍ନଟ କରାଯାଇଛି । ସେମାନଙ୍କ ମଧ୍ୟରୁ ପ୍ରାୟ ଶତକଡ଼ା ୯୦ ଭାଗ ହେଉଛନ୍ତି ମହିଳା । ଚିହ୍ନିତ ଶିଳ୍ପୀମାନଙ୍କୁ ଆଧୁନିକ କାଇଁଚ କଳା ବିଷୟରେ ତାଲିମ ଦେବା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

## ଦୁତିପଡା ଏଏନଏମଙ୍କ ବିରୁଦ୍ଧରେ ଦାବିପତ୍ର ପ୍ରଦାନ

କନ୍ଧମାଳ,(ପିଏନ)– କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଅନ୍ତର୍ଗତ ଦୂତିପଡ଼ା ଗ୍ରାମ ପଂଚାୟତରେ ଥିବା ଉପ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନଏମଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଅଂଚଳବାସୀ ଏକ ଅଭିଯୋଗ ପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରିଛନ୍ତି । ସେମାନେ ଦେଇଥିବା ଅଭିଯୋଗ ଅନୁସାରେ, ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଦୁତିପଡା ଏବଂ ଆଖପାଖର ଶତାଧିକ ଲୋକ ନିର୍ଭର କରୁଛନ୍ତି । ହେଲେ ସେହି କେନ୍ଦ୍ରର ଦାୟୀତ୍ୱରେ ଥିବା ଏ.ଏନ.ଏମ ନିୟମିତ ନ ଆସିବାରୁ ମାସର ଅଧିକାଂଶ ସମୟ ଉକ୍ତ ଉପସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ଝୁଲୁଛି । ଉକ୍ତ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ଏଏନଏମ୍ ପ୍ରଭାସିନି ନାୟକଙ୍କ ମନମୁଖୀ କାର୍ଯ୍ୟରେ ଅଂଚଳବାସୀ ଅତିଷ୍ଠ ହୋଇ ଜିଲାପାଳ ଓ ଜିଲା ଅତିରିକ୍ତ ଚିକିତ୍ସା ଅଧିକାରୀଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ପ୍ରକାରେ, ଏଏନଏମ୍ ଜଣକ ନିୟମିତ ଭାବେ କାର୍ଯ୍ୟକୁ ଆସୁନଥିବାରୁ ସେହି ଉପସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ସଠିକ୍ ସମୟରେ ସ୍ୱାସ୍ଥ୍ୟ ସେବା ନ ପାଇ ସମସ୍ୟାରେ ପଡୁଛନ୍ତି । ଫଳରେ ସେମାନଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ କିମ୍ବା ଖଜୁରିପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ପଡୁଛି । ନିଜ ଗାଁରେ ଏହି ସ୍ୱାସ୍ଥ୍ୟକେନ୍ଦ୍ରଟି ଥିଲେ ମଧ୍ୟ ସେମାନେ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି । ବିଭିନ୍ନ ସମୟରେ ଗର୍ଭବତୀ, ନବଜାତ ଶିଶୁ ଓ ପ୍ରସୂତିମାନେ ଅନେକ ସମୟରେ ସେବା ପାଇବାରୁ ବଂଚିତ ହେଉଛନ୍ତି । ଏନେଇ ଏଏନଏମଙ୍କ କହିଲେ ମିଥ୍ୟା କେସ୍ ଦେଇ ଲୋକଙ୍କୁ ହଇରାଣ କରୁଥିବା ମଧ୍ୟ ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ଏ ଦିଗରେ ଜିଲା ପ୍ରଶାସନ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ଅଞ୍ଚଳବାସୀ ଦାବିକରିଛନ୍ତି ।






# ବେଗୁନିଆରେ ବୁଲିଲା ସଚେତନତା ଶିକ୍ଷା ରଥ

ଖୋର୍ଦ୍ଧା, (ପିଏନ): କୋମଳମତୀ ଛାତ୍ରଛାତ୍ରୀ ମାନେ ଦୁଇ ବର୍ଷଧରି କରୋନା ମହାମାରୀ ଭୂତାଣୁ ଜନିତ ରୋଗ ଯୋଗୁଁ ବିଦ୍ୟାଳୟ ଗୁଡିକ ବନ୍ଦ ହୋଇ ପଡିବା ଫଳରେ ବିଦ୍ୟାଳୟକୁ ନିୟମିତ ଆସିବା ବନ୍ଦ କରାଯାଇଥିଲା । ତେବେ ବର୍ତମାନ କରୋନା ମହାମାରୀ ଭୂତାଣୁ ଜନିତ ରୋର ପ୍ରକୋପ କମିବା ଫଳରେ ରାଜ୍ୟ ସରକାର ବିଦ୍ୟାଳୟ ଗୁଡିକ ଖୋଲିବା ପ୍ରକ୍ରିୟା ଆରମ୍ଭ ହୋଇ ସାରିଛି । ପିଲାମାନେ ନିୟମିତ ବିଦ୍ୟାଳୟକୁ ଆସିବା ପାଇଁ ଖୋର୍ଦ୍ଧା ଜିଲ୍ଲା ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ବେଗୁନିଆ ବ୍ଲକ ସମଗ୍ର ଶିକ୍ଷା କାର୍ଯ୍ୟାଳୟ ତରଫରୁ ୧୫ ଗୋଟି କ୍ଲଷ୍ଟରରେ ଶିକ୍ଷା ସଚେତନତା ରଥର ଶୁଭାରମ୍ଭ କରାଯାଇଥିଲା । ଏଥିରେ ବେଗୁନିଆ ଶିକ୍ଷାଧିକାରୀ ବିଷ୍ଣୁ ପ୍ରସାଦ ମିଶ୍ର, ଏବିଇଓ ଦିଲ୍ଲୀପ ମହାପାତ୍ର ଓ ରାମ ପ୍ରସାଦ ସାହୁ ପ୍ରମୁଖ ବାଘମାରୀସ୍ଥିତ ଏକାଦଶ ରୁଦ୍ର ହଟ୍ଟକେଶ୍ୱର ପୀଠରେ ଉପସ୍ଥିତ ରହି ଶିକ୍ଷା ରଥକୁ ପରିକ୍ରମା କରିବା ପାଇଁ ପତାକା ହଲାଇ ଶୁଭାରମ୍ଭ କରିଥିଲେ । ଆଂଚଳିକ ସାଧନ କର୍ମୀ ସନାତନ ସାହୁ, ବିଭୂତି ବରାଳ, ବିଶ୍ୱ ରଞ୍ଜନ ବେହେରା ଓ ରବୀନ୍ଦ୍ର ନାଥ ସାହୁ ଉପସ୍ଥିତ ରହି ସହଯୋଗ କରିଥିଲେ । ଶୁକ୍ରବାର ପୂର୍ବାହ୍ନରେ ରଥ କଂଟାବାଡ କ୍ଲଷ୍ଟରର ୧୦ ଗୋଟି ବିଦ୍ୟାଳୟ ପରିକ୍ରମା କରିବାକୁ ଯାଇଥିବା ବେଳେ ଛାତ୍ରଛାତ୍ରୀ ମାନେ ଗୀତର ତାଳେ ତାଳେ ନାଚ କରିଥିଲେ ।

## ସହଯୋଗ-୨ ତାଲିମ ଶିବିର ଉଦଯାପିତ ତାଲିମ ଦାବି, ଖୋର୍ଦ୍ଧା ପି,ନ୍

ଖୋର୍ଦ୍ଧା, (ପିଏନ):ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ସରକାରୀ ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ପରିସରରେ ପରିଚାଳନା କମିଟିର ସଭ୍ୟ/ସଭ୍ୟା ମାନଙ୍କୁ ନେଇ ତିନିଦିନ ଧରି ଚାଲିଥିବା ସହଯୋଗ-୨ ତାଲିମ ଶିବିର ଉଦଯାପିତ ହୋଇ ଯାଇଛି । ଏ ନେଇ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସାବିତ୍ରୀ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗେନ୍ଦ୍ର ନାଥ ବେହେରା ମୁଖ୍ୟ ଅତିଥି, ସ୍ଥାନୀୟ କଂଟାବାଡ ଆଂଚଳିକ ସାଧନକେନ୍ଦ୍ରର କର୍ମୀ ରବୀନ୍ଦ୍ର ନାଥ ସାହୁ ଓ ବରିଷ୍ଠ ଶିକ୍ଷକ ବିଜୟ କୁମାର ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପରିଚାଳନା କମିଟି ଓ ବିଦ୍ୟାଳୟର ସମନ୍ୱୟ ରହିଲେ ଶୈକ୍ଷିକ ପରିବେଶ ଉନ୍ନତି ହେବା ସହ ଏକ ଆଦର୍ଶ ବିଦ୍ୟାଳୟରେ ପରିଗଣିତ ହେବ ବୋଲି ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ମତ ପ୍ରକାଶ କରିଥିଲେ । ଏଥିରେ ଶିକ୍ଷକ ନାରାୟଣ ମାନସିଂହ ଓ ଆଖଣ୍ଡଳମଣି ପ୍ରସାଦ ପଟ୍ଟନାୟକ ତାଲିମ ଦାତା ଭାବେ ଯୋଗ ଦେଇଥିଲେ । ଶେଷରେ ଶିକ୍ଷକ କୈଳାସ ନାଥ ସୁବୁଦ୍ଧି ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଡ ଖୋର୍ଦ୍ଧାଠାରେ ଅଣ୍ଡର ପାସ ନିର୍ମାଣ ପ୍ରସଙ୍ଗ,୪୮ ଘଂଟା ମଧ୍ୟରେ କାର୍ଯ୍ୟକାରୀରେ ଉପେକ୍ଷା କଲେ ଆନ୍ଦୋଳନ ପାଇଁ ଚେତାବନୀ

ଖୋର୍ଦ୍ଧା, (ପିଏନ): ଖୋର୍ଦ୍ଧା ଜିଲ୍ଲା ସଦର ମହକୁମା ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ଗଡଖୋର୍ଦ୍ଧା ଓ ବାଟ ମଙ୍ଗଳା ଛକଠାରେ ଦୁଇଟି ଅଣ୍ଡର ପାସ ନିର୍ମାଣ ପାଇଁ ଜାତୀୟ ରାଜପଥ ଅଧିକାରୀଙ୍କୁ ବାରମ୍ବାର ଦାବୀପତ୍ର ଦିଆ ଯାଇଥିଲେ ମଧ୍ୟ ଟାଳଟୁଳ ନିତୀକୁ ଆପଣେଇ ଥିବାରୁ କାର୍ଯ୍ୟକାରୀ କରାଯାଇ ପାରି ନାହିଁ । ଗତ ଅକ୍ଟୋବର ୨୮ ତାରିଖରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ନିୟୁ ଥିଙ୍କିଙ୍ଗ ଫୋରମ ପକ୍ଷରୁ ଗଡଖୋର୍ଦ୍ଧା ଛକ ଠାରେ ସ୍ଥାନୀୟ ପ୍ରତିନିଧି ମାନେ ଜଟଣୀ ବିଧାୟକ ସୁରେଶ ରାଉତରାୟ, ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ପୂର୍ବତନ ବିଧାୟକ ଦିଲ୍ଲୀପ ଶ୍ରୀ ଚନ୍ଦନ ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଯାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରି ନଥିବାରୁ ସ୍ଥାନୀୟ ଅଂଚଳରେ ଅସନ୍ତୋଷର ବାତାବରଣ ସୃଷ୍ଟି କରି ଥିବା ବେଳେ ଆଜି ପୁନର୍ବାର ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବିକାଶ ମଂଚର ସଭାପତି ତଥା ଆଇନଜୀବୀ ନରେନ୍ଦ୍ର କୁମାର ପୃଷ୍ଟିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ଜାତୀୟ ରାଜପଥ ଆଂଚଳିକ ଅଧିକାରୀଙ୍କୁ ପୁନଃ କାର୍ଯ୍ୟ ଆରମ୍ଭ କରିବା ପାଇଁ ଦାବୀପତ୍ର ପ୍ରଦାନ କରିଥିଲେ । ଯଦି ଆସନ୍ତା ୪୮ ଘଂଟା ମଧ୍ୟରେ ଉପଯୁକ୍ତ ଭାବରେ ପଦକ୍ଷେପକୁ ଉପେକ୍ଷା କରାଗଲେ ତେବେ ଜାତୀୟ ରାଜପଥ ଉପରେ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଖୋରଧାବାସୀ ଆନ୍ଦୋଳନରେ ଅଂଶ ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏହି ପ୍ରତିନିଧି ଦଳରେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସନା ମାନଧାତା, ଫୋରମର ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ବିକାଶ ମଂଚର ସମ୍ପାଦକ ପମିନା ଦାସଙ୍କ ସମେତ ଏମଡିକାଲାମ, ରମେଶ ବଡଜେନା, ଅଧ୍ୟାପକ ଗୋପାଳ ଦାସ, ଲିଲି ଛୋଟରାୟ, ରୀତାରାଣୀ ବେହେରା, ବୈଜୟନ୍ତୀ ସୁନ୍ଦରାୟ, ଶର୍ମିଷ୍ଠା ପଟ୍ଟନାୟକ, ତସଲିମା ବେଗମ, ସଂନ୍ଧ୍ୟାରାଣୀ ମିଶ୍ର, ବିନୋଦିନି ପଟ୍ଟନାୟକ, ବିନତୀ ପଣ୍ଡା, ଗାୟତ୍ରୀ ବୋଷ ଓ ସରସ୍ୱତୀ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ ।



ସୋପାନ କାର୍ଯ୍ୟକ୍ରମର Guide line ଓ ବ୍ୟବସ୍ଥା ପରିବର୍ତ୍ତନ ସକାଶେ ପଶ୍ଚିମ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ସଂଘର କେନ୍ଦ୍ରୀୟ ଆବାହକ ପ୍ରଶାନ୍ତ ପାଢ଼ୀ, ସାଧାରଣ ସମ୍ପାଦିକା ପ୍ରଭାସିନୀ ପାଢ଼ୀ, ଜିଲ୍ଲା ସଭାନେତ୍ରି ଦୁଷିଲା ଧୁରୁଅ।, ସମ୍ପାଦିକା ପ୍ରମିଳା ସିଂ ପ୍ରମୁଖଙ୍କ ନେତୃତ୍ୱରେ ଜିଲ୍ଲାପାଳ ଓ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଗୀତାଞ୍ଜଳୀ ମହାପାତ୍ରଙ୍କୁ ମୁଖ୍ୟମନ୍ତ୍ରୀ,୫ ଟି ସଚ଼ୀବ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ, ସଚ଼ିବ, ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ଦିଆଯାଇଥିଲା।

## ନବ ନିର୍ମାଣ ସଙ୍ଗଠନର ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା, (ପିଏନ): ବୋଲଗଡ ବ୍ଲକ ଅନ୍ତର୍ଗତ ପିଚୁକୁଳି ସେବା ସମବାୟ ସମିତି ପରିସରରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ପାଇଁ ଆଜି ସନ୍ଧ୍ୟାରେ ଚାଷୀ ରାଜ କିଶୋର ସୁବୁଦ୍ଧିଙ୍କ ନେତୃତ୍ୱରେ ଧାନ ମଣ୍ଡିରେ ଚାଷୀ ଟୋକନ ପାଇ ଧାନ ବିକ୍ରୀରୁ ବଂଚିତ ହୋଇଥିବା ଚାଷୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଜିଲ୍ଲା ସଂଯୋଜକ ସୁରେଶ କୁମାର ମାନସିଂହ ,ବୋଲଗଡ ବ୍ଲକ ସଂଯୋଜକ ଜୟନ୍ତ ତ୍ରିପାଠୀ ,ସହ ସଂଯୋଜକ କାହ୍ନୁ ଚରଣ ବେହେରାଙ୍କ ସମେତ ଚାଷୀମାନେ ଏକତ୍ରୀତ ହୋଇ ଆଗାମୀ ଦିନରେ ରାଜ ରାସ୍ତାରେ ଧାନବସ୍ତା ରଖି ଆନ୍ଦୋଳନ କରିବା ପାଇଁ ନିଷ୍ପତି ହୋଇଥିଲା ।

# ଦର୍ଶକଙ୍କ ପ୍ରଥମ ପସନ୍ଦ ଜୀସାର୍ଥକର ମେଗା ଧାରାବାହିକ ସର୍ବଜୀତା ଅନୁ



ଖୋର୍ଦ୍ଧା, (ପି.ଏନ): ଓଡ଼ିଆ ଦର୍ଶକଙ୍କ ମନ କିଣୁଛି ସର୍ବଜୀତା ଅନୁ। ଜୀସାର୍ଥକ ଚ୍ୟାନେଲରେ ପ୍ରସାରିତ ଏହି ନୂଆ ମେଗା ଧାରାବାହିକ ମାତ୍ର ୧୫ ଏପିସୋଡ଼ରେ ସର୍ବାଧିକ ଜନାଦୃତି ହାସଲ କରିଛି। ମାର୍ଚ୍ଚ ୧୪ ତାରିଖରୁ ସର୍ବ ଜିତା ଅନୁର ପ୍ରସାରଣ ଆରମ୍ଭ ହୋଇଥିବା ବେଳେ ମାତ୍ର କମ୍ ଦିନ ମଧରେ ଦର୍ଶକଙ୍କ ପ୍ରଥମ ପସନ୍ଦ ପାଲଟିଛି ଏହି ମେଗା ଧାରାବାହିକ। ସର୍ବଜୀତା ଅନୁର ଆଗାମୀ ଅଧ୍ୟାୟରେ ରହିଛି ଭରପୁର ରୋମାଂଚ ଯେଉଁଥିରେ ସୋସାଇଟ୍ ମଧରେ ଏକ ନୃତ୍ୟ ପ୍ରତିଯୋଗିତା ଆରମ୍ଭ ହେଉଥିବା ବେଳେ ଏଥିରେ ଅନୁର ଝିଅ ସାରାବି ଅଂଶ ଗ୍ରହଣ କରିବାକୁ ଚାହୁଁଛି। କିନ୍ତୁ ତାକୁ ଜଣେ ପାର୍ଟନର ଆବଶ୍ୟକତା ରହିଛି। ତେବେ ସାରା ପାଇଁ କଣ ପାର୍ଟନର ହେବେ କି ମା' ଅନୁ ଆଉ ଯଦି ମା'ଙ୍କ ସହ ସାରା ଏହି ପ୍ରତିଯୋଗିତାରେ ଭାଗ ନିଏ ତାହା ହେଲେ କ'ଣ ସେ ପ୍ରତିଯୋଗିତା ଜିତି ପାରିବ ? ଏ ସବୁ ପ୍ରଶ୍ନର ଉତର ପାଇଁ ଦର୍ଶକଙ୍କୁ ଆଗାମୀ ଅଧ୍ୟାୟ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ସୋମବାରରୁ ଶନିବାର ରାତି ୮ଟାରେ ଜୀ ସାର୍ଥକରେ ମେଗା ଧାରାବାହିକ ସର୍ବଜୀତା ଅନୁ ପ୍ରସାରିତ ହେଉଛି। ମାତ୍ର କମ୍ ଦିନରେ ଦର୍ଶକଙ୍କ ଆଦୃତି ଲାଭ କରିଥିବା ସର୍ବଜୀତା ଅନୁକୁ ଦର୍ଶକ ଆହୁରି ଭଲ ପାଇବା ଦେବେ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛି।




# ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଚୈତ୍ର ପର୍ବ ଓ ପଲ୍ଲୀଶ୍ରୀ ମେଳା -୨୦୨୨ ପାଇଁ ସାମ୍ବାଦିକ ସମ୍ମିଳନୀ



ବାରିପଦା,(ପି.ଏନ): ମୟୂରଭଞ୍ଜ ଜିଲ୍ଲାର ପ୍ରସିଦ୍ଧ ଚୈତ୍ର ପର୍ବ - ୨୦୨୨ ପାଳନ ଅବସରରେ ଠାରେ ସଦର ମହକୁମା ବାରିପଦା ଛଉ ପଡିଆ ସଂଲଗ୍ନ କଲେଜ ପଡିଆଠାରେ ଓରମାସ ପକ୍ଷରୁ ପଲ୍ଲୀଶ୍ରୀ ମେଳା - ୨୦୨୨ ପ୍ରଦର୍ଶନୀ ଚ଼ଳିତ ଏପ୍ରିଲ ୧୧ରୁ ୧୫ରାତିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ଅନୁଷ୍ଠିତ ହେବ । ପାଞ୍ଚ ଦିନ ବ୍ୟାପୀ ଆୟୋଜିତ ହେବାକୁ ଥିବା ଏହି ମେଳା ପ୍ରଦର୍ଶନୀ ପ୍ରତ୍ୟେକ ଦିନ ସକାଳ ୧୦ଘଟିକାରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବା । ଏଥିପାଇଁ ମୋଟ ୧୫୦ ଷ୍ଟଲ ନିର୍ମାଣ ଓ ଆନୁସଙ୍ଗିକ ବ୍ୟବସ୍ଥା , ମେଳାସ୍ଥଳରେ ବିଦ୍ୟୁତ ଯୋଗାଣ , ପାନୀୟ ଜଳ ଯୋଗାଣ , ପ୍ରାଥମିକ ଚ଼ିକିତ୍ସା ସେବା , ପୋଲିସ ନିରାପତା , ଅଗ୍ନିଶମ ସେବା ବ୍ୟବସ୍ଥା , ଆବାସ ଓ ରହଣୀ ବ୍ୟବସ୍ଥା ଏବଂ ସର୍ବୋପରି ପଲ୍ଲୀଶ୍ରୀ ମେଳା ପ୍ରଦର୍ଶନର ପ୍ରଚ଼ାର ପ୍ରସାର କରାଯିବା ଦିଗରେ ବିଶେଷ ଧାନ ଦେଇ କାର୍ଯ୍ୟକ୍ରମ ପ୍ରସ୍ତୁତି କରାଯାଇଅଛି । ସୂଚ଼ନା ଯୋଗ୍ୟ ଏହି ପଲ୍ଲୀଶ୍ରୀ ମେଳା ପ୍ରଦର୍ଶନୀରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସଂପୃକ୍ତ ଡିଆରଡିଏ । ଓରମାସ୍ , ବୟନ ଓ ହସ୍ତତନ୍ତ ଶିଳ୍ପ , ଖଦୀ ଓ ଗ୍ରାମ୍ୟ ଉଦ୍‌ଯୋଗ ଦ୍ୱାରା ପ୍ରଯୋଜିତ ବିଭିନ୍ନ ସ୍ୱୟଂ ସହାୟୀକା ଗୋଷ୍ଠୀ ଓ ଗ୍ରାମ୍ୟ କାରିଗରୀ ଏବଂ ଉଦ୍‌ଯୋଗୀ ମାନଙ୍କ ଦ୍ୱାରା ଉତ୍ପାଦିତ ଦ୍ରବ୍ୟ । ସାମଗ୍ରୀ ଓ କୁଟୀର ଶିଳ୍ପ କାରୁକାର୍ଯ୍ୟ ସାମଗ୍ରୀ ଆଦି ପ୍ରଦର୍ଶନୀ ମାଧମରେ ବିକ୍ରୟ କରାଯିବା ସହିତ ଆୟ ଭିତିକ ବିଭିନ୍ନ ଆତ୍ମନିଯୁକ୍ତ ଯୋଜନା ଏବଂ ସରକାରଙ୍କ ବିଭିନ୍ନ ବିଭାଗ ଯୋଜନା କାର୍ଯ୍ୟକ୍ରମର ପ୍ରଚ଼ାର ପ୍ରସାର ଓ ବିକାଶ ଦିଗରେ ଜନ ସଚେତନତା ସୃଷ୍ଟି କରାଯିବା ମୁଖ୍ୟ ଉଦ୍‌ଯୋଶ ନେଇ ସରକାରଙ୍କ ପଂଚ଼ାୟତିରାଜ ବିଭାଗୀୟ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ( ଓରମାସ୍ ) ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଇଅଛି । ପାଂଚ଼ ଦିନ ବ୍ୟାପି ବାରିପଦା ଛଉ ପଡିଆ ସଂଲଗ୍ନ ସ୍ଥିତ କଲେଜ ପଡିଆରେ ଆୟୋଜିତ ହେବାକୁ ଥିବା ଉକ୍ତ ପଲ୍ଲିଶ୍ରୀ ମେଳାର ସମସ୍ତ ଆନୁସଙ୍ଗିକ ପ୍ରସ୍ତୁତି କାର୍ଯ୍ୟକ୍ରମର ସଫଳ ରୂପାୟନ ଓ ପରିଚ଼ାଳନା ପାଇଁ ବିରିଷ୍ଠ ପ୍ରଶାସନିକ ଅଧିକାର ଏବଂ ସଂପୃକ୍ତ ବିଭାଗ ପ୍ରତେକ୍ଷ ତତ୍ୱାବଦାନରେ ତ୍ୱରାନ୍ୱିତ କରାଯାଉଅଛି ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray